READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର


ଅନୁସନ୍ଧାନ ପରେ ଖବର



ବର୍ଷ-୫ | ସଂଖ୍ୟା-୧୯ | ୨୪ - ୩୦ ମଇ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-19 | 24th - 30th MAY, 2021 | BHUBANESWAR | ₹ 5/- (8 Pages)

# ରାଜ୍ୟରେ ବଢୁଛି, ଦେଶରେ କମୁଛି

**ଭୁବନେଶ୍ୱର / ନୂଆଦିଲ୍ଲୀ :** ସମ୍ପ୍ରତି ଦେଶରେ ମହାମାରୀ କରୋନାର ଦ୍ୱିତୀୟ ଲହର ଭୟାବହତା ଠାରୁ ଦୂରେଇ ଯାଉଛି। ପଜିଟିଭ୍ ହାର ବା ପରୀକ୍ଷିତ ନମୂନା ତୁଳନାରେ ସଂକ୍ରମିତଙ୍କ ସଂଖ୍ୟା କମୁଥିବାରୁ ଏହା ଦେଶ ପାଇଁ ଶୁଭ ସୂଚନା ବୋଲି ଧରାଯିବ। କାରଣ ଜାତୀୟ ପଜିଟିଭ୍ ହାର ୧୩.୪%କୁ ଖସିଆସିଛି। ଗତ ଏପ୍ରିଲ ୨୨୯ ରୁ ମେ’ ୫ ଭିତରେ ସାପ୍ତାହିକ ହାରାହାରି ପଜିଟିଭିଟଇ ୨୧.୫% ରହିଥିବା ବେଳେ ଗତ ୧୩ ରୁ ୧୯ ଭିତରେ ଏହା ୧୫.୨%କୁ ଖସି ଆସିଛି। ଏହି ସମୟ ଭିତରେ ପଜିଟିଭିଟି କମୁଥିବା ଜିଲ୍ଲା ସଂଖ୍ୟା ୨୧୦ ରୁ ୩୦୩କୁ ବୃଦ୍ଧି ପାଇଛି। ଅପରପକ୍ଷେ ପଶ୍ଚିମବଙ୍ଗ, କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶ ପରି ୨୨ଟି ରାଜ୍ୟରେ ପଜିଟିଭିଟି ହାର ୧୫%ରୁ ଅଧିକ ରହିବା ସହ କେଉଁଠି ୨୨% ମଧ ଟପିଯିବା ଘଟଣା ଚିନ୍ତା ମଧ ଆଣିଛି। ଅପରପକ୍ଷେ ବାକି ୧୩ରାଜ୍ୟରେ ପଜିଟିଭ ହାର ୫ ରୁ ୧୫% ଭିତରେ ରହିଛି। ସାମଗ୍ରିକ ଭାବେ ଦେଶରେ ଏପରି ପଜିଟିଭିଟ ହାର କମିଯିବା ଯଦିଓ ଶୁଭ ସୂଚନା, ତେବେ ଆଗାମୀ ତିନି ଚାରି ସପ୍ତାହ ପାଇଁ ତାହା ବଜାୟ ରହିବା ଜରୁରୀ ହୋଇପଡିଛି। ତେବେ ସଂକ୍ରମଣର ଭୟାବହତା ବେଳେ ବେଳେ ଶୀର୍ଷ ଛୁଇଁଛି ବୋଲି ମନେ ହେଉଥିଲା ବେଳେ ପୁଣି ସବୁ ଓଲଟା ପ୍ରମାଣିତ ହେଉଛି। ଯଦିଓ ନୂତନ ସଂକ୍ରମିତଙ୍କ ତୁଳନାରେ ଦୈନିକ ଆରୋଗ୍ୟ ଲାଭ କରୁଥିବା ପୀଡିତଙ୍କ ସଂଖ୍ୟା ଅଧିକ ରହିବା ସହ ଦିନକୁ ଦିନ ସକ୍ରିୟ ମାମଲା କମି ଆସୁଛି, ତେବେ ମୃତକଙ୍କ ସଂଖ୍ୟାରେ ସେପରି ଉଲ୍ଲେଖନୀୟ ହ୍ରାସ ନହେବା ଚିନ୍ତାର ବିଷୟ ପାଲଟିଛି। ତେବେ ଓଡ଼ିଶାରେ କରୋନା ଥମିବାର ନାଁ ଧରୁନି।



ଅନ୍ୟପଟେ ରାଜ୍ୟରେ କରୋନା ଥମିବାରୁ ନାଁ ଧରୁନି। ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ / ସଟ୍‌ଡାଉନ୍ ସବୁ କିଛି ଉଦ୍ୟମ ଜାରି ରହିଥିଲେ ହେଁ ଏହାର ପ୍ରଭାବ ଦେଖିବାକୁ ମିଳୁନାହିଁ। ବରଂ ସଂକ୍ରମଣ ବଢ଼ିବାରେ ଲାଗିଛି। ରାଜ୍ୟରେ ପୁଣିଥରେ ଦୈନିକ କରୋନା ସଂକ୍ରମଣ ରେକର୍ଡ ସ୍ତରରେ ପହଞ୍ଚିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆସନ୍ତା ୪ ମାସ ଭିତରେ ରାଜ୍ୟରେ ୧୮ ରୁ ୪୪ ବର୍ଷ ଭିତରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ଟିକାକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ବୋଲି ଯୋଜନା କରିଛନ୍ତି। ଏ ନେଇ ରାଜ୍ୟ ସରକାର ଆହ୍ୱାନ କରିଥିବା ବିଶ୍ୱସ୍ତରୀୟ ଟେଣ୍ଡର ସର୍ତ୍ତାବଳୀରେ ଆବଶ୍ୟକ ସଂଶୋଧନ କରି କୋହଳ କରିଛନ୍ତି। ଆସନ୍ତା ୪ ମାସ ମଧ୍ୟରେ ରାଜ୍ୟର ସମସ୍ତଙ୍କୁ ଟିକାକରଣ କରିବା ପାଇଁ ଓ ଟିକା ଉତ୍ପାଦନକାରୀଙ୍କ ମଧ୍ୟରେ ଏକ ସକରାତ୍ମକ ସନ୍ଦେଶ ଦେଇ ସେମାନଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଟେଣ୍ଡର ଇଏମ୍‌ଡି, ବିଡ୍ ସିକ୍ୟୁରିଟି, ଲିକ୍ୟୁଡିଟି ଡ୍ୟାମେଜ୍ ଆଦି ସର୍ତ୍ତକୁ ଛାଡ କରାଯାଇଛି। ସେହିପରି-୨୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ରହି ପାରୁଥିବା ଟିକା ଗୁଡିକ ୨ ଡିଗ୍ରୀରୁ ୮ ଡିଗ୍ରୀ ତାପମାତ୍ରାରେ ୧୨ ଘଣ୍ଟା ପର୍ଯ୍ୟନ୍ତ ନିଜର ଗୁଣବତ୍ତା ଅପରିବର୍ତ୍ତିତ କରି ରହୁଥିବ ସେହି ଟିକା ଉତ୍ପାଦନକାରୀଙ୍କୁ ମଧ ଏହି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହେବାକୁ ସମ୍ମତି ମିଳିଛି। ସମ୍ପୂର୍ଣ୍ଣ ପରିମାଣର ଟିକା ପାଇଁ ଉତ୍ପାଦନ ଓ ଯୋଗାଣ କମ୍ପାନୀମାନେ ବିଡ୍ ପକାଇ ପାରିବେ। ଅଧିକ ସଂଖ୍ୟାରେ ବିଶ୍ୱସ୍ତରୀୟ କମ୍ପାନୀମାନଙ୍କୁ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବାକୁ ଆକୃଷ୍ଟ କରିବା ପାଇଁ ପୂର୍ବରୁ ଥିବା ୩% ପରଫରମାନ୍‌ସ ସିକ୍ୟୁରିଟି ସର୍ତ୍ତାବଳୀକୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଛି। ସେହିପରି ଇଏମ୍‌ଡି, ବିଡ୍ ସିକ୍ୟୁରିଟି ଅର୍ଥ ଓ ଲିକ୍ୟୁଡେଟେଡ କ୍ଷତି ବାଦରେ ଭରଣା ସର୍ତ୍ତାବଳୀକୁ ବି ଛାଡ କରାଯାଇଛି। ଓଜିଏଫ୍‌ଆର, ଡିଏଫ୍‌ପିଆର ବି ସମ୍ପୂର୍ଣ୍ଣ ଛାଡ ହୋଇଛି। ଯାହାଫଳରେ ବିଶ୍ୱର ସମସ୍ତ ଟିକା ଉତ୍ପାଦନ କରୁଥିବା କମ୍ପାନୀମାନେ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ। ଟେଣ୍ଡର ପକାଇବାର ଶେଷ ତାରିଖ ଚଳିତ ମାସ ୨୮ ତାରିଖ ଧାର୍ଯ୍ୟ କରାଯାଇଛି। ୨୮ ତାରିଖ ପରେ ଟେଣ୍ଡର ଖୋଲାଯିବ।

ସେହିପରି ଟେଷ୍ଟିଂ ବଢ଼ିବାରୁ ରାଜ୍ୟରେ ବଢୁଛି ସଂକ୍ରମଣ ଓ ମୃତ୍ୟୁସଂଖ୍ୟା। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଏବେ ରାଜ୍ୟରେ ୮୦ ପ୍ରତିଶତ ଆଇସିୟୁରେ ରୋଗୀ ଅଛନ୍ତି। ୫୦ ପ୍ରତିଶତରୁ ଅଧିକ ଭେଣ୍ଟିଲେଟରରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉଛି। ବହୁତ ଗୁରୁତର ଲୋକେ ଏବେ ମେଡିକାଲରେ ଅଛନ୍ତି। ସେ ଦୃଷ୍ଟିରୁ ମୃତ୍ୟୁ ସଂଖ୍ୟା ଏବେ ଟିକିଏ ବଢ଼ିବ। ମେ ୧୫ରୁ ୨୦ ତାରିଖକୁ ଦେଖିଲେ ମୃତ୍ୟୁସଂଖ୍ୟା ବଢୁଥିବା ଜଣାପଡୁଛି। ଯେତିକି ରୋଗୀ ମେଡିକାଲରେ ଅଛନ୍ତି ସେମାନଙ୍କ ଭିତରୁ କିଛି ସୁସ୍ଥ ହେବେ ନଚେତ୍ କିଛି ଜଣ ମୃତ୍ୟୁବରଣ କରିବେ। ସେହି ଅନୁପାତରେ ମୃତ୍ୟୁ ସଂଖ୍ୟା ବଢ଼ିବାର ଆକଳନ କରାଯାଉଛି। ମେ ମାସ ଶେଷ ବେଳକୁ ରାଜ୍ୟରେ ସଂକ୍ରମଣ କମିବ ବୋଲି ଆମେ ଆଶା ରଖିଛୁ। କରୋନାର ପ୍ରଥମ ଲହରରେ ୧୮ ବର୍ଷ ତଳକୁ ୧୦ ପ୍ରତିଶତ ମୃତ୍ୟୁ ହୋଇଥିଲା। ବର୍ତ୍ତମାନ ଯୁବବର୍ଗ ଅଧିକ ସଂକ୍ରମିତ ହେଉଛନ୍ତି। ଯେହେତୁ ଭ୍ୟାକ୍ସିନ ନଥିଲା ତେଣୁ ବର୍ତ୍ତମାନ ଡେଥ୍ ରେଟ ବଢୁଛି।

➤ ପୃ-୬

# କୋଭିଡ୍ ମୃତକଙ୍କୁ କୋହଭରା ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୨୧।୫:** ମହାମାରୀ କରୋନା ଭାଇରସ ଅନେକଙ୍କ ଘର ଉଜାଡ଼ି ଦେଇଛି। କିଏ ବାପା ମା’ଙ୍କୁ ହରାଇଛି ତ କିଏ ସ୍ୱାମୀ, ସ୍ତ୍ରୀ, ଭାଇ ଓ ଭଉଣୀଙ୍କୁ ହରାଇଛି। ବହୁତ କମ ବୟସରେ କରୋନା ଅନେକଙ୍କୁ ପରପାରିକୁ ନେଇ ଯାଇଛି। ସାରା ଦେଶରେ ଏଭଳି ସ୍ଥିତି ଉପୁଜିଥିବା ବେଳେ ପ୍ରତିଦିନ ଗଣମାଧ୍ୟମରେ ଅନେକ ହୃଦୟବିଦାରକ ଘଟଣା ପ୍ରକାଶ ପାଉଛି। କରୋନାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଲୋକଙ୍କ କଥା ମନେ ପକାଇ ଦେଶର



ପ୍ରଧାନମନ୍ତ୍ରୀ ବେଶ ଭାବବିହ୍ୱଳ ହୋଇ ପଡ଼ିଛନ୍ତି। ସେ କରୋନା ମୃତକଙ୍କ ବିଷୟରେ କହିବା ବେଳେ ତାଙ୍କ ସ୍ୱର ଗମ୍ଭୀର ହୋଇଯାଇଥିବା ବେଳେ ଆଖି ଜକେଇ ମଧ ଆସିଛି। ଏହାର ଭିଡିଓ ଡିଡି ନ୍ୟୁଜ ପକ୍ଷରୁ ଟ୍ୱିଟ କରାଯାଇଛି। ଏଥିରେ ମୋଦି କରୋନା ମୃତକଙ୍କ ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛନ୍ତି। ହେଲେ ଏହି ସମବେଦନା ଜଣାଇବା ବେଳେ ସେ କାନ୍ଦକାନ୍ଦ ହୋଇ ଯାଇଥିଲେ।

➤ ପୃ-୬

# ଜୀବନ ଓ ଜୀବିକା ପ୍ରତି ଘାତକ ସାଜିଛି କରୋନା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦିନ ଭର୍ଚୁଆଲ ମାଧ୍ୟମରେ ପୁରୀର ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସରରେ ୧୫୦ ଶଯ୍ୟାବିଶିଷ୍ଟ ଜିଲ୍ଲା କୋଭିଡ୍ ହସ୍‌ପିଟାଲ୍‌ର ଲୋକାର୍ପଣ କରିଛନ୍ତି। ଭୁବନେଶ୍ୱରର ସମ୍ ହସ୍‌ପିଟାଲ୍‌ର ସହଯୋଗରେ ନିର୍ମିତ ଏହି ହସ୍‌ପିଟାଲ୍ ରେ ୯୦ଟି ଅମ୍ଳଜାନ ସଂଯୁକ୍ତ ଶଯ୍ୟା, ୪୦ଟି ଏଚ୍ ଡିୟୁ ଶଯ୍ୟା ଏବଂ ୨୦ଟି ଆଇସିୟୁ ଶଯ୍ୟା ରହିଛି। ଏଠାରେ ମଧ ଉନ୍ନତ ମାନର ପରୀକ୍ଷାଗାର ଏବଂ ଡାଇଗ୍ନୋଷ୍ଟିକ୍



ସୁବିଧା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ସେହିପରି ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ, ମହାମାରୀ ଏକ ମାନବିକ ସଙ୍କଟ, ଏହାର ଶୃଙ୍ଖଳା ଭାଙ୍ଗିବା ପାଇଁ ଆଦର୍ଶ ଅନୁସରଣ କରନ୍ତୁ। ଏହି ହସ୍‌ପିଟାଲ୍ ଜିଲ୍ଲାର ଗୁରୁତର କୋଭିଡ୍ ସଂକ୍ରମିତମାନଙ୍କୁ ଉନ୍ନତ ମାନର ଚିକିତ୍ସା ଯୋଗାଇବାରେ ସହାୟକ ହେବ ଏବଂ ସେମାନେ ଭୁବନେଶ୍ୱର କିମ୍ବା କଟକର ହସ୍‌ପିଟାଲ୍‌ଗୁଡ଼ିକ ଉପରେ ନିର୍ଭରଶୀଳ ହେବେ ନାହିଁ। ଏହି କୋଭିଡ୍

➤ ପୃ-୬

## ବକ୍ରବାଣୀ




ମାଇପଛଡାକୁ ବାଡୁଅ ନେତା
ସେ କାହୁଁ ବୁଝିବେ ସଂସାର କଥା
ତେଲରେ ମଦରେ ଲୁଟି ଚାଲନ୍ତି
ମାଗଣା ଚାଉଳ ଦିହେଁ ବାଣ୍ଟନ୍ତି
ଗରୀବ ଗୁରୁବା ଚାଉଳ ଆଣି
ସେହି ଚାଉଳକୁ ବିକନ୍ତି ପୁଣି
ପଇସା ପାଇଲେ ମଦ କିଣନ୍ତି
ନିଶାରେ ଛାମୁଁଙ୍କ ଗୁଣ ଗାଆନ୍ତି
ପଇସା ଗଣ୍ଡାକ ସାଇଲା ପରେ
ଭୋକିଲା ପେଟରେ ଶୁଅନ୍ତି ଘରେ।

—— ଟୁଟୁ

### ସାମାଜିକ ଦୂରତା, ମାସ୍କକୁ ନେଇ ନୂଆ ଗାଇଡଲାଇନ୍

# ୨ ଗଜ ନୁହେଁ, ୧୦ ମିଟର ଦୂରତା ଜରୁରୀ

**ନୂଆଦିଲ୍ଲୀ :** କରୋନା ପାଇଁ ସାରା ଦେଶ ସଙ୍କଟରେ। ଗୋଟିଏ ପରେ ଗୋଟିଏ କରୋନାର ଲହର ନେଉଛି ଲୋକଙ୍କର ଜୀବନ। କୋଭିଡ ଭାଇରସ୍ କେତେବେଳେ ପବନରେ ବ୍ୟାପୁଛି ତ ପୁଣି କେତେବେଳେ ଛୁଇଁଲେ ସଂକ୍ରମିତ ହେଉଛି। ତେଣୁ ସାଧାରଣ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଲାଣି। ଡାକ୍ତରଙ୍କ କହିବା ଅନୁସାରେ ଯେତେବେଳେ କୌଣସି ସଂକ୍ରମିତ କଥା ହେଉଛି ,ଗୀତ ଗାଉଛି,କାଶୁଛି କିମ୍ବା ଛିଙ୍କୁଛି। ସେହି ସମୟରେ ଭାଇରସ୍ ପାଟି ଓ ନାକ ଜରିଆରେ ପବନରେ ବ୍ୟାପୁଛି। ଯାହା ପରବର୍ତ୍ତୀ ସମୟରେ ସୁସ୍ଥବ୍ୟକ୍ତିଙ୍କୁ ସଂକ୍ରମିତ କରୁଛି। ଦେଶରେ ବର୍ତ୍ତମାନ କରୋନାର ଦ୍ୱିତୀୟ ପ୍ରବାହ ତାର ଭୟଙ୍କର ରୂପ ବି ଦେଖାଇଚାଲିଛି।



ଆଉ ସରକାର ଲୋକଙ୍କୁ କରୋନା ପାଇଁ ସଚେତନ ମଧ କରିଚାଲିଛନ୍ତି। ମାସ୍କ ପିନ୍ଧନ୍ତୁ ସୁରକ୍ଷିତ ରୁହନ୍ତୁ, ଲୋକେ ମାସ୍କକୁ ଜରୁରୀ ଭାବିଲେ ହିଁ କରୋନା ସହ ଲଢ଼ିପାରିବେ ବୋଲି ସରକାର ସୂଚନା ଦେଉଛନ୍ତି। ତେବେ ଏହାରି ଭିତରେ ସରକାର ମାସ୍କ,ସାମାଜିକ ଦୂରତା, ସ୍ୱଛତା, ଭେଣ୍ଟିଲେସନକୁ ନେଇ ନୂଆ ଗାଇଡଲାଇନ ଜାରୀ କରିଛନ୍ତି। ସାଧାରଣ ଉପାୟର ବ୍ୟବହାରରେ ବି ଆମେ କରୋନାକୁ ବ୍ୟାପିବାରୁ ରକ୍ଷା କରିପାରିବା ବୋଲି ସରକାର ସୂଚନା ଦେଇଛନ୍ତି। ଏହି ନୂଆ ଗାଇଡ୍‌ଲାଇନ୍ ଅନୁସାରେ - ମାସ୍କ,ସାମାଜିକ ଦୂରତା, ସ୍ୱଛତାର ପାଳନ କରିବା ସହ ଘରମାନଙ୍କରେ ପବନର ଯାତାୟତ ହେବା ଭଳି ବ୍ୟବସ୍ଥା ରହିବା ଆବଶ୍ୟକ। ଯେଉଁ ଘରେ ପବନ ଆତଯାତ ହେଉନଥିବ ସେଠାରେ ଭାଇରସ୍ ପ୍ରଭାବ ବେଶି ବଢିବ। ଘର ହେଉ କିମ୍ବା କାର୍ଯ୍ୟାଳୟ ସବୁଠାରେ ବାୟୁ ଯିବା ଆସିବା ପାଇଁ ସଠିକ ସୁବିଧା ଥିବା ଦରକାର। ପବନ ଆତଯାତ କଲେ ସଂକ୍ରମଣର ଆଶଙ୍କା କମ୍ ରହିବ। ବଡ ବଡ କଂମ୍ପାନୀର ବିଲିଡିଙ୍ଗ ଓ ମଲ୍ ଆଦି ମାନଙ୍କରେ

➤ ପୃ-୬

# ଚୋରା ମଦ କାରବାର ବିରୋଧରେ ପୋଲିସ ଅଭିଯାନ ଜୋରଦାର

**ଭଦ୍ରକ :** ଜିଲ୍ଲା ଅବକାରୀ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। ଏହାର ସୁଯୋଗରେ ଜିଲ୍ଲାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଚୋରା ମଦ ବେପାରୀମାନେ ସକ୍ରିୟ ହୋଇ ଉଠିଛନ୍ତି। ଫଳରେ ସବୁଠି ସାମାଜିକ ସନ୍ତୁଳନ ନଷ୍ଟ ହୋଇ ଚାଲିଛି। ଏପରି ବେଆଇନ କାରବାର ପାଇଁ ବିଭିନ୍ନ ସ୍ଥାନରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ ସୃଷ୍ଟି ହୋଇ ଚାଲିଥିବା ଦୃଷ୍ଟିକୁ ଆସୁଛି। ତେବେ ଜିଲ୍ଲାର ନୂତନ ଆରୀ ଅଧିକ୍ଷକ ଭାବେ ଚରଣସିଂ ମୀନା ଯୋଗଦେବା ପରେ, ଏହି ବେଆଇନ ଚୋରା ମଦ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନେବା ସହ ସମସ୍ତ ଥାନାକୁ ଏଦିଗରେ ସତର୍କ ରହିବାକୁ ନିର୍ଦ୍ଦେଶ ଜାରୀ କରିଥିଲେ। ଏହି ପରିପ୍ରେକ୍ଷୀରେ ଗତ ୪ମାସ ମଧ୍ୟରେ ଜିଲ୍ଲା ପୁଲିସକୁ ମିଳିଛି ଅପୂର୍ବ ସଫଳତା। ଜିଲ୍ଲା ପୁଲିସ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୧ ଜାନୁଆରୀ ମାସରୁ ଅପ୍ରେଲ ଶେଷ ଯାଏ ଅର୍ଥାତ୍ ଏହି ୪ମାସ ମଧ୍ୟରେ ପୁଲିସ ଜିଲ୍ଲା ତମାମ ୪୮୧ଟି ମାମଲା ରୁଜୁ କରିଛି। ଏସମସ୍ତ ମାମଲାରେ ୪୮୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଏହି ସମୟ ମଧ୍ୟରେ ୮ହଜାର ୧୯୬ ଲିଟର ଦେଶୀମଦ ଜବତ କରାଯାଇଥିବାବେଳେ, ୭୨୪ ଲିଟର ବିଦେଶୀ ମଦ ଜବତ ହୋଇଛି। ଭଦ୍ରକ ସହରାଞ୍ଚଳଳ ଥାନା ଇଲାକାରେ ୪ମାସ ମଧ୍ୟରେ ୫୭ଟି ଚୋରା ମଦ କାରବାର ମାମଲା ରୁଜୁ ହୋଇ ୭୧୧ ଲିଟର ଦେଶୀ ମଦ ଓ ୧୦୧ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ବେଆଇନ କାରବାରରେ ସଂପୃକ୍ତ ୫୭ ଜଣଙ୍କୁ ପୁଲିସ ଗିରଫ କରିଛି। ସେହିପରି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ୪୨ ଟି ମାମଲାରେ ୪୨ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୨୪୬ଲିଟର ଦେଶୀମଦ ଓ ୮ଲିଟର ବିଦେଶୀ ମଦ ଜବତ ହୋଇଛି। ଅନୁରୂପ ପୁରୁଣାବଜାର ଥାନା ଇଲାକାରେ ୭୬ଟି ମାମଲା ରୁଜୁ ହୋଇ ୧ହଜାର ୧୬୨ ଲିଟର ଦେଶୀମଦ ଓ ୪୨ଲିଟର ବିଦେଶୀ ମଦ

➤ ପୃ-୬





# ବିନା ପାରିଶ୍ରମିକରେ ଦୋକାନ ବଜାର ସମ୍ମୁଖ ରାସ୍ତା ସଫେଇ

**ଜଗତ୍‌ସିଂହପୁର (ଜ୍ୟୋତିରଞ୍ଜନ ପଟ୍ଟନାୟକ):** ଜଗତ୍‌ସିଂହପୁର ଜିଲ୍ଲା ଅନ୍ତର୍ଗତ କଟକ-ପାରାଦ୍ୱୀପ ରାସ୍ତାର ରଘୁନାଥପୁର ବଜାର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଦୋକାନ, ହାଟବଜାର ଓ ନାରାୟଣ ଛକରେ ଥିବା ସମସ୍ତ ଦୋକାନର ସମ୍ମୁଖ ସହିତ ରଘୁନାଥପୁର ବଜାରର ରାସ୍ତା, ବିଜୁ ପଟ୍ଟନାୟକ ଛକ ଆଦି ସ୍ଥାନମାନଙ୍କରେ ପ୍ରତ୍ୟେକ ଦିନ ଅଳିଆ ଆବର୍ଜନା ହେଉଥିବା ବେଳେ ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ ଧରାଧରପୁର ଗ୍ରାମପଞ୍ଚାୟତ ଅଧିନସ୍ଥ ଖରିପଡିଆ ଗ୍ରାମର ନୃସିଂହ ମଲ୍ଲିକ୍ ଏସବୁ ଅଞ୍ଚଳର ଅଳିଆ ଆବର୍ଜନା ସଫାକରିବା ବିନା ପାରିଶ୍ରମିକରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । କି ଖରା, ବର୍ଷା ଓ ଶୀତରେ ପ୍ରତିଦିନ ସକାଳୁ ଦୋକାନ ଆଗରେ ପଡିଥିବା ଅଳିଆ ଆବର୍ଜନା ସହିତ ରାସ୍ତାରେ ମରିପଡିଥିବା ବୁଲା ପଶୁମାନଙ୍କୁ ମଧ ଉଠାଇ ନେଇ ପରିଷ୍କାର କରିଥାଏ । ଅତ୍ୟନ୍ତ ଗରିବ ଶ୍ରେଣୀର ଏହି ବିନ୍ଧାଣିଙ୍କ ବୟସ ୪୫ରେ ପହଞ୍ଚିଥିବା ବେଳେ ଅଳିଆ ଆବର୍ଜନା ସଫା କରିବାରେ ସେ ଦୀର୍ଘ ୨୦ବର୍ଷ ହେଲାଣି ଏଥିରେ ସେ ସିଦ୍ଧହସ୍ତ ହୋଇଗଲେଣି । ଦୁଇବର୍ଷ ହେଲା ସମଗ୍ର ବିଶ୍ୱରେ କୋଭିଡ କାୟା ବିସ୍ତାର କରିଚାଲିଥିବା ବେଳେ ଅଳିଆ ଆବର୍ଜନା ସଫା କରିବାରେ



ସେ କେବେବି ଭୟ କରିନାହିଁ । ରାସ୍ତାଘାଟ ଓ ଦୋକାନ ବଜାର ସଫା କରିବାରେ ସେ କୌଣସି ଦୋକାନୀ ଠାରୁ ଅର୍ଥ ଆଦାୟ କରେ ନାହିଁ କି ବାଧ୍ୟ କରିନଥାଏ, ହେଲେ ଯିଏ ଯାହା ଦେଇ ଦିଅନ୍ତି ଖୁସିରେ ସେ ବିଭୋର ହୋଇପଡେ । ଏପରିକି ଏଠାରେ ଦୁଇଗୋଟି ବଜାର ଥିଲେ ବି ସେ ନିଜ କର୍ମରେ ଅବହେଳା କରିନଥାଏ । ସକାଳୁ ଉଠି ଦାନ୍ତଘଷି ଦେଇ ଚାଲି ଚାଲି ଆସି ଝାଡୁ ଖଣ୍ଡେ ଧରି ସଫାସଫି କରି ଖରାବେଳ ପର୍ଯ୍ୟନ୍ତ କରିଥାଏ । ନିଜ ପରିବାରଠୁ ଆରମ୍ଭ କରି ଦୋକାନୀ ମାନଙ୍କ ପର୍ଯ୍ୟନ୍ତ ସମସ୍ତ ଝଡବାତ୍ୟାକୁ ସମ୍ଭାଳି ଦେଇ ହସି ହସି ନର୍ଦ୍ଦମା ସଫା କରିଥାଏ । ଏପରି ଏକ ବିନ୍ଧାଣୀ କାର୍ଯ୍ୟକୁ କାହିଁକି ଆଦରି ନେଲ ବୋଲି ଆମ ପ୍ରତିନିଧି ପଚାରିବାରେ ସେ ହସି ହସି ଉତ୍ତର ଦେଇଥିଲେ ଯେ ଭାଇ ଏହା ମୋ ବେଉସା । ଏହି କାର୍ଯ୍ୟ କରିବା ପାଇଁ ମୁଁ ଜନ୍ମ ନେଇଛି । ବଞ୍ଚିଥିବା ପର୍ଯ୍ୟନ୍ତ ଏହି କାର୍ଯ୍ୟ କରିଚାଲିଥିବି, ଯେଉଁଦିନ ପର୍ଯ୍ୟନ୍ତ ଏହି ଦୋକାନୀ ବାବୁମାନଙ୍କ ଆଶୀର୍ବାଦ ମୋ ଉପରେ ଥିବ ସେ ପର୍ଯ୍ୟନ୍ତ ଏ କାର୍ଯ୍ୟରେ କେବେ ବି ବାଧା ସୃଷ୍ଟି ହେବନାହିଁ । ଏମାନଙ୍କ ଟଙ୍କେ ଅଧେ ପଇସାରେ ମୋ ପରିବାର ଚଳୁଛି । ଏହି କାର୍ଯ୍ୟ କରିବା ପାଇଁ ମୁଁ କେବେ ଦୁଃଖ ପ୍ରକାଶ କରେ ନାହିଁ କି ଭଲ ଖାଇ ଭଲ ରହିବାକୁ ଚେଷ୍ଟା କରେନାହିଁ । ଦୋକାନୀମାନେ ଯାହା ଦିଅନ୍ତି ସେଥିରୁ ମୁଁ ଖୁସି ହୁଏ।

➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ଆବଶ୍ୟକତାଠାରୁ ଅଧିକ ଖାଆନ୍ତୁ ନାହିଁ। ଅସୁସ୍ଥ ହୋଇ ପାରନ୍ତି। ଆର୍ଥିକ ସ୍ଥିତିରେ ସୁଧାର ହେବ, କିନ୍ତୁ ଖର୍ଚ୍ଚରେ ଲଗାମ ଦିଅନ୍ତୁ। ହଠାତ୍ ଖୁସି ଖବର ପାଇବେ। ଛାତ୍ରମାନେ ଭଲ ଦିଗରେ ଗତି କରିବେ। ଦାମ୍ପତ୍ୟ ଜୀବନ ସାମାନ୍ୟ ରହିବ।

**ବୃଷ** ଗୋଡ ଓ ପାଦର କଷ୍ଟ ଦୂରହେବ। କିଛି ନୂଆ ଯୋଜନାରୁ ଲାଭ ମିଳିବ। ପାରିବାରିକ ସମ୍ପର୍କରେ ବୃଦ୍ଧି ହେବ। ନୂଆ ନୂଆ ଦ୍ରବ୍ୟ କିଣିପାରନ୍ତି। ଛାତ୍ରମାନେ ଲକ୍ଷ୍ୟହୀନ ହେବେ। ଆପଣଙ୍କ ପ୍ରେମୀ ଆପଣଙ୍କୁ ମନାଇବେ।

**ମିଥୁନ** ସହକର୍ମୀ ଧୋକା ଦେବେ। ପରିବାରରେ କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ବିଦେଶରେ ରହିବାର ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ।

**କର୍କଟ** ପେଟ ସମ୍ବନ୍ଧୀୟ ରୋଗ ହୋଇପାରେ। ନିଶ୍ଚିତ ଲାଭ ଯୋଗ କ୍ଷତିରେ ପରିଣତ ହୋଇପାରେ। ଯାନବାହନ ଖରାପ ହୋଇପାରେ। ଛାତ୍ରମାନେ ସପ୍ତାହର ଶେଷଭାଗରେ ସଫଳତା ପାଇବେ। ପ୍ରେମ ଦିଗରୁ ଅନୁକୂଳ ପରିଣାମ ମିଳିବ।

**ସିଂହ** ଖାଦ୍ୟ ସମ୍ବନ୍ଧୀୟ ପୀଡାରୁ ମୁକ୍ତି ମିଳିବ। ଭାଗ୍ୟଫଳ ସଫଳତାର ନିର୍ଦ୍ଦେଶ ଦେଉଛି। ଦୂର ସମ୍ପର୍କୀୟଙ୍କଠାରୁ ଖୁସି ଖବର ପାଇବେ। ପଦୋନ୍ନତି ହେବାର ଯୋଗ ଅଛି। ପ୍ରେମ ଜୀବନରେ ନୂଆ ଲୋକଙ୍କ ହସ୍ତକ୍ଷେପ ହୋଇପାରେ।

**କନ୍ୟା** କାର୍ଯ୍ୟରୁ ସମୟ ବାହାର କରି ଆରାମ କରନ୍ତୁ। ଆର୍ଥିକ ଲାଭର ଯୋଗ ଅଛି। ପାରିବାରିକ କଳହ ଯୋଗୁ ଅଶାନ୍ତି ଅନୁଭବ କରିବେ। ଅନ୍ୟର କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁନାହିଁ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ମିଳିପାରେ।

**ତୁଳା** ଅସୁସ୍ଥ ଅନୁଭବ କରିବେ। ଖର୍ଚ୍ଚରେ ବୃଦ୍ଧି ହେବ। କିନ୍ତୁ ଆୟ ମଧ୍ୟ ଅଧିକ ହେବ। କିଛି ଲୋକ ବାସନ ମାଜିବା ଓ ଲୁଗାପଟା ସଖା କାମରେ ସମୟ କଟାଇବେ। କାର୍ଯ୍ୟ କ୍ଷେତ୍ରରେ ସୁଫଳ ମିଳିବ।

**ବିଛା** ସ୍ୱାସ୍ଥ୍ୟ ପାଇଁ ଧ୍ୟାନ ଦିଅନ୍ତୁ। ଅସାଧୁ ଉପାୟରେ ଧନ ଅର୍ଜନ କରିବା ପାଇଁ ଚେଷ୍ଟା କରିବେ। କାର୍ଯ୍ୟକ୍ଷେତ୍ର ଅଧିକ ପରିଶ୍ରମ କରି ସଫଳ କରିବେ। ଶିକ୍ଷା ପାଇଁ ଆବଶ୍ୟକଠାରୁ ଅଧିକ ଖର୍ଚ୍ଚ ହୋଇପାରେ।

**ଧନୁ** ସାମାଜିକ ବ୍ୟସ୍ତତାଠାରୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ପରିବାରର ସଦସ୍ୟଙ୍କ ସହ ସମୟ ବିତାଇବେ। ପରୋପକାର କାର୍ଯ୍ୟ କରିବେ। ବଡ ଶିକ୍ଷାନୁଷ୍ଠାନରେ ନାମ ଲେଖାଇପାରନ୍ତି। ଦାମ୍ପତ୍ୟ ଜୀବନରେ ପ୍ରତିବନ୍ଧକ ଦେଖାଦେବ।

**ମକର** ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହେବେ। ଜମିବାଡ ସମ୍ବନ୍ଧୀୟ ଧନପ୍ରାପ୍ତି ହେବ। ପରିବାରର ସଦସ୍ୟଙ୍କର ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଆବଶ୍ୟକଠାରୁ ଅଧିକ କହନ୍ତୁ ନାହିଁ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ।


**କୁମ୍ଭ** ଦିନକୁ ବ୍ୟାୟାମରୁ ଆରମ୍ଭ କରନ୍ତୁ। ପାରିବାରିକ ଦୁଃଖକୁ ନେଇ ଚିନ୍ତିତ ହୋଇପାରନ୍ତି। କାର୍ଯ୍ୟ କ୍ଷେତ୍ରରେ ଅନ୍ୟକୁ ହୀନ ମନେ କରନ୍ତୁ ନାହିଁ। ଛାତ୍ରମାନଙ୍କୁ ଶିକ୍ଷକ ଓ ଅଭିଭାବକଙ୍କର ସହଯୋଗ ମିଳିବ। ପ୍ରେମୀ ଯୁଗଳ ଖୁବ୍ ଉପଭୋଗ କରିବେ।

**ମୀନ** ଆବଶ୍ୟକ ନଥିଲେ ଗାଡି ଚଲାନ୍ତୁ ନାହିଁ। ବିଶେଷକରି ରାତି ସମୟରେ ଆର୍ଥିକ ଅସୁବିଧାରୁ ସାମନା କରିବେ। ପିତାମାତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ଅହଙ୍କାରୀ ହୁଅନ୍ତୁ ନାହିଁ। ଛାତ୍ରମାନଙ୍କ ମନର ସନ୍ଦେହ ଦୂର ହେବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଟିକା ଯୋଗାଣ ବୃଦ୍ଧି ପାଇଁ ପ୍ରୟାସ ଜାରି ରହିଛି : ମୋଦି

**ନୂଆଦିଲ୍ଲୀ :** ଦେଶରେ କରୋନାକୁ ମାତ ଦେବା ପାଇଁ ଟିକାକରଣ କାର୍ଯ୍ୟକ୍ରମକୁ ଜୋରଦାର କରାଯାଇଛି। ତେବେ ବିଭିନ୍ନ ରାଜ୍ୟରେ ଟିକାର ଅଭାବ ଦେଖିବାକୁ ମିଳିବାରୁ ଟିକାକରଣ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକା ସପ୍ଲାଏକୁ ନେଇ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଟିକା ସପ୍ଲାଏକୁ ବୃଦ୍ଧି କରିବା ପାଇଁ ନିୟମିତ ପ୍ରୟାସ କରାଯାଉଛି। ଟିକା ସପ୍ଲାଏ ବୃଦ୍ଧି କରିବାକୁ ବଡ଼ ଧରଣର ଯୋଜନା କରାଯାଉଥିବା ମୋଦି କହିଛନ୍ତି। ଆଜି ପ୍ରଧାନମନ୍ତ୍ରୀ ମୋଦି କୋଭିଡ ମ୍ୟାନେଜମେଣ୍ଟ ଟାସ୍କ ଫୋର୍ସ ଦାୟିତ୍ୱରେ ଥିବା ବିଭିନ୍ନ ରାଜ୍ୟ ଓ ଜିଲ୍ଲାର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସେ କରୋନା ସ୍ଥିତର ସମୀକ୍ଷା ମଧ୍ୟ କରିଥିଲେ। ମୋଦି କହିଛନ୍ତି, ଦେଶରେ ଟିକାକରଣ କାର୍ଯ୍ୟକ୍ରମ ଏପରି ଭାବେ ଜାରି ରହିବ ଓ ଆପଣମାନେ ସମସ୍ତେ ଯେମିତି ଟିକା ନଷ୍ଟ ନ ହେବ, ତା'ର ବ୍ୟବସ୍ଥା କରିବେ। ଆପଣମାନେ ଯଦି ଠିକ୍ ଭାବେ ସବୁ କିଛି କରିବେ, ତା'ହେଲେ ଟିକାର ଅପଚୟ ଶୂନରେ ପହଞ୍ଚିବ। ଆପଣମାନେ ଟିକାର ଲଜିଷ୍ଟିକ ଦାୟିତ୍ୱରେ ରହିଛନ୍ତି। ତେଣୁ ଆପଣମାନେ ଏ ଦିଗରେ ଅଧିକ ଯତ୍ନବାନ ହେବା ଉଚିତ। ରାଜ୍ୟ ଗୁଡ଼ିକୁ ୧୫ ଦିନ ଆଗରୁ ଟିକା ଯୋଗାଇ ଦେବାକୁ ଯୋଜନା ଚାଲିଛି। ଏହାଦ୍ୱାରା ସେମାନେ ଟିକାକରଣ ପାଇଁ ପ୍ରସ୍ତୁତ



ହୋଇପାରିବେ। ଏହି ଅଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ କରୋନା ଲଢେଇର ଫିଲ୍ଡ କମାଣ୍ଡର ଭାବେ ଅବିହିତ କରିଛନ୍ତି। ମୋଦି କହିଛନ୍ତି, ଆପଣମାନେ କରୋନା ମହାମାରୀ ବେଳେ ଯେଉଁ ଅଭିଜ୍ଞତା ହାସଲ କରିଛନ୍ତି, ତାହା ଆପଣମାନଙ୍କୁ ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ସହାୟକ ହେବ। ଆଗକୁ ଏଭଳି ସ୍ଥିତି ଆସିଲେ, ଏହାକୁ ଆପଣମାନେ ଭଲ ଭାବେ ମ୍ୟାନେଜ କରିପାରିବେ ଓ ଆପଣମାନଙ୍କ ଫିଡ୍ବ୍ୟାକ୍ ଗୁରୁତ୍ୱପୂର୍ଣ୍ଣ। ମୋଦି ଆହୁରି କହିଛନ୍ତି, ଆପଣମାନେ ଆପଣମାନଙ୍କ ଜିଲ୍ଲାରେ କ'ଣ ସବୁ ଚ୍ୟାଲେଞ୍ଜ ରହିଛି, ସେଗୁଡ଼ିକ ଭଲ ଭାବେ ଜାଣିଛନ୍ତି। ଯେତେବେଳେ ଆପଣଙ୍କ ଜିଲ୍ଲା ଜିତବ ସେତେବେଳେ ଦେଶର ବିଜୟ ହେବ। ଆପଣଙ୍କ ଜିଲ୍ଲା କରୋନାରେ ହାରିଗଲେ, ଦେଶ ମଧ୍ୟ ହାରିଯିବ। ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ କରୋନାରେ ଆକ୍ରାନ୍ତ ହୋଇ ମଧ୍ୟ କାମ କରିଛନ୍ତି। ଆପଣମାନଙ୍କ ପାଇଁ ଡ୍ୟୁଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହିଛି। ଆପଣମାନେ ଯଦି କିଛି ଯୋଜନାରେ ସଂସ୍କାର ଆଣିବାକୁ ଚାହୁଁଛନ୍ତି, ତା'ହେଲେ ବିନା କୌଣସି ଦ୍ୱିଧାରେ ସେକଥା କହିପାରିବେ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ଗାଁକୁ ଫୋକସ କରିବାକୁ କହିବା ସହ ଟେଷ୍ଟିଂ ଓ ଲୋକାଲ କଣ୍ଟେନମେଣ୍ଟ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଲୋକଙ୍କୁ ଠିକ୍ ଓ ଉପଯୁକ୍ତ ସୂଚନା ଦେବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ ଆମକୁ ଉପାନ୍ତ ଅଞ୍ଚଳକୁ ମଧ୍ୟ ଧ୍ୟାନ ଦେବା ଉଚିତ ବୋଲି ସେ କହିଛନ୍ତି।

## ସାର ସବ୍‌ସିଡି ବୃଦ୍ଧି

**ନୂଆଦିଲ୍ଲୀ:** ସାର ଦର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାର ଦର ଉପରେ ଏକ ବିସ୍ତୃତ ଉପସ୍ଥାପନା ତାଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଅନ୍ତର୍ଜାତୀୟ ସ୍ତରରେ ଫସଫୋରିକ ଏସିଡ, ଆମୋନିଆ ଆଦିର ମୂଲ୍ୟ ବୃଦ୍ଧି ପାଉଥିବା କାରଣରୁ ଦେଶରେ ସାର ମୂଲ୍ୟ ବୃଦ୍ଧି ପାଉଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଚାଷୀ ପୁରୁଣା ଦରରେ ସାର ପାଇବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ। ଏହି ଅବସରରେ ଡିଏପି ସାର ବସ୍ତା ପିଛା ସବସିଡି ପରିମାଣକୁ ୫୦୦ ଟଙ୍କା ପରିବର୍ତ୍ତେ ୧୨୦୦ ଟଙ୍କାକୁ ବୃଦ୍ଧି କରିବା ଲାଗି ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା, ଯାହାକି ୧୪୦% ବୃଦ୍ଧି। ତେଣୁ ଅନ୍ତର୍ଜାତୀୟ ବଜାରରେ ଡିଏପି ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଏହାକୁ ପୁରୁଣା ଦରରେ ବସ୍ତା ପିଛା ୧୨୦୦ ଟଙ୍କାରେ ବିକ୍ରି କରାଯିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦର ବୃଦ୍ଧିର ସମସ୍ତ ବ୍ୟୟ ଭାର କେନ୍ଦ୍ର ସରକାର ବହନ କରିବେ। ଏକକାଳୀନ ବସ୍ତା ପିଛା ଏତେ ପରିମାଣର ସବସିଡି ପୂର୍ବରୁ କେବେ ବୃଦ୍ଧି କରାଯାଇନଥିଲା। ଗତବର୍ଷ ଡିଏପିର ବାସ୍ତବ ଦର ଗୋଟିଏ ବସ୍ତା ପିଛା ୧୭୦୦ ଟଙ୍କା ଥିଲା। ଏଥିରେ କେନ୍ଦ୍ର ସରକାର ଗୋଟିଏ ବସ୍ତା ପ୍ରତି ୫୦୦ ଟଙ୍କାର ସବସିଡି ଦେଉଥିଲେ। ତେଣୁ କମ୍ପାନୀଗୁଡ଼ିକ ଚାଷୀଙ୍କୁ ପ୍ରତି ବସ୍ତା ୧୨୦୦ ଟଙ୍କାରେ ସାର ବିକ୍ରି କରୁଥିଲେ। ନିକଟରେ, ଡିଏପିରେ ବ୍ୟବହୃତ ହେଉଥିବା ଫୋସଫୋରିକ ଏସିଡ, ଆମୋନିଆ ଆଦିର ଅନ୍ତର୍ଜାତୀୟ ମୂଲ୍ୟ



୬୦% ରୁ ୭୦%କୁ ବୃଦ୍ଧି ପାଇଛି। ତେଣୁ ବର୍ତ୍ତମାନ ଡିଏପିର ବସ୍ତା ପିଛା ପ୍ରକୃତ ଦର ୨୪୦୦ ଟଙ୍କାକୁ ବୃଦ୍ଧି ପାଇଛି, ଯାହାକୁ ସାର କମ୍ପାନୀମାନେ ୫୦୦ ଟଙ୍କା ସବସିଡିକୁ ବିଚାର କରି ୧୯୦୦ ଟଙ୍କାରେ ବିକ୍ରି କରିପାରିବେ। କିନ୍ତୁ ଏହି ନିଷ୍ପତ୍ତି ପରେ, ଚାଷୀମାନେ ଗୋଟିଏ ବସ୍ତା ଡିଏପି ସାର ୧୨୦୦ ଟଙ୍କାର ପୁରୁଣା ଦରରେ କିଣିପାରିବେ। ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ ତାଙ୍କ ସରକାର ଚାଷୀଙ୍କ କଲ୍ୟାଣ ଲାଗି ପ୍ରତିଶ୍ରୁତିବଦ୍ଧ ଏବଂ ଦରବୃଦ୍ଧିର ବୋଝ ଚାଷୀଙ୍କ ଉପରେ ଯେପରି ନପଡ଼ିବ ତାହା ସୁନିଶ୍ଚିତ କରିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ପ୍ରତି ବର୍ଷ କେନ୍ଦ୍ର ସରକାର ରାସାୟନିକ ସାର ପାଇଁ ସବସିଡି ଦେବା ଉପରେ ପାଖାପାଖି ୮୦,୦୦୦ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଡିଏପି ଉପରେ ସବସିଡି ବୃଦ୍ଧି ପାଇବା ଫଳରେ ଭାରତ ସରକାର ଖରିଫ ଋତୁରେ ସାର ସବସିଡି ଆକାରରେ ଅତିରିକ୍ତ ୧୪,୭୭୫ କୋଟି ଟଙ୍କା ଖର୍ଚ୍ଚ କରିବେ। ଅକ୍ଷୟ ତୃତୀୟା ଅବସରରେ ପିଏମ-କିଷାନ ଅନ୍ତର୍ଗତ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ୨୦,୬୬୭ କୋଟି ଟଙ୍କା ହସ୍ତାନ୍ତର କରିବା ପରେ ଏହା ହେଉଛି ଚାଷୀଙ୍କ ହିତ ଲାଗି ଉଦ୍ଦିଷ୍ଟ ଦ୍ୱିତୀୟ ବୃହତ ନିଷ୍ପତ୍ତି।

## ଖୁବ୍‌ଶୀଘ୍ର ୩ୟ ଲହର !

**ନୂଆଦିଲ୍ଲୀ :** ଏବର୍ଷ ଜୁଲାଇ ସୁଦ୍ଧା କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ପ୍ରବାହ ଶେଷ ହେବ ଏବଂ ଏହାର ୬ ରୁ ୮ ମାସ ମଧ୍ୟରେ ତୃତୀୟ ପ୍ରବାହ ଆସିବ ବୋଲି ଭାରତ ସରକାରଙ୍କ ବିଜ୍ଞାନ ମନ୍ତ୍ରାଳୟ ଅଧୀନ 'ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ'ର ତିନିଜଣିଆ ସଦସ୍ୟବିଶିଷ୍ଟ କମିଟି କହିଛି। 'ସୂତ୍ର' ମଡେଲ୍ ବ୍ୟବହାର କରି ଉକ୍ତ କମିଟିର ବୈଜ୍ଞାନିକମାନେ କହିଛନ୍ତି ଯେ, ମେ ଶେଷ ବେଳକୁ ଦୈନିକ ୧.୫ ଲକ୍ଷ ସଂକ୍ରମଣ ହେବ ଏବଂ ଜୁନ୍ ଶେଷ ବେଳକୁ ଦୈନିକ ସଂକ୍ରମଣସଂଖ୍ୟା ହେବ ୨୦,୦୦୦। (ସୂତ୍ର ମଡେଲ୍ ହେଉଛି: 'ସସ୍ପେକ୍ଟିବଲ୍, ଅନ୍ଡିଟେକ୍ଟେଡ୍, ଟେଷ୍ଟେଡ୍ (ପଜିଟିଭ୍) ଆଣ୍ଡ୍ ରିମୋଭ୍ଡ଼ଆପ୍ରୋଚ୍') ଗତବର୍ଷ ଏହି ମଡେଲ୍ ପ୍ରସ୍ତୁତ କରାଯାଇଥିଲା। ଏହି କମିଟିର ଅନ୍ୟତମ ସଦସ୍ୟ 'ଆଇଆଇଟି-କାନପୁର'ର ପ୍ରଫେସର ମନୀନ୍ଦ୍ର ଅଗରୱାଲ୍ କହିଛନ୍ତି, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ, କେରଳ, ସିକିମ, ଉତ୍ତରାଖଣ୍ଡ, ଗୁଜରାଟ, ହରିୟାଣା, ଦିଲ୍ଲୀ ଓ ଗୋଆ ।ରେ ସଂକ୍ରମଣ ଶୀର୍ଷରେ ପହଞ୍ଚିସାରିଛି। ଉପରୋକ୍ତ ମଡେଲ୍ ଅନୁସାରେ, ମେ ୨୯ ରୁ ୩୧ ମଧ୍ୟରେ ତାମିଲନାଡୁ ଏବଂ ମେ ୧୯-୨୦ ମଧ୍ୟରେ ପୁଡୁଚେରୀ ସଂକ୍ରମଣ ଶୀର୍ଷରେ ପହଞ୍ଚିବ। ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ରାଜ୍ୟ ସବୁ ମଧ୍ୟ ଏ ପର୍ଯ୍ୟନ୍ତ ସଂକ୍ରମଣର ଶୀର୍ଷରେ ପହଞ୍ଚି ନାହାନ୍ତି। ହିମାଚଳ ପ୍ରଦେଶ ମେ ୨୪ ଓ ପଞ୍ଜାବ ମେ ୨୨ରେ ସଂକ୍ରମଣ ଶୀର୍ଷରେ ପହଞ୍ଚିବାର ସମ୍ଭାବନା ରହିଛି। ଏହି ମଡେଲ୍ ଅନୁସାରେ, ଆଗାମୀ ୬ ରୁ ୮ ମାସ ମଧ୍ୟରେ କୋଭିଡ୍-୧୯ ମହାମାରୀର ତୃତୀୟ ପ୍ରବାହ ଆସିବ। ସେତେବେଳକାର ପ୍ରଭାବ ସାମ୍ପ୍ରତିକ ପ୍ରଭାବ ଭଳି ହୋଇପାରେ। ପ୍ରଫେସର ଅଗ୍ରୱାଲ୍ କହନ୍ତି, ସଂକ୍ରମଣ ଆଞ୍ଚଳିକ ସ୍ତରରେ ସୀମିତ ରହିବ। ଟିକାକରଣ ଯୋଗୁଁ ଅନେକ ଲୋକ ପ୍ରଭାବିତ ହେବେନାହିଁ। ଅନ୍ୟୂନ ୨୦୨୧ ଅକ୍ଟୋବର ପର୍ଯ୍ୟନ୍ତ ତୃତୀୟ ପ୍ରବାହ ଆସି ନ ଥିବ। ଦେଶରେ ଦ୍ୱିତୀୟ ପ୍ରବାହର ପ୍ରଭାବ କେଉଁ ଭଳି ହେବ ତାହା ଆକଳନ କରିବାରେ ବିଫଳ ହୋଇଥିବା କଥା ଉକ୍ତ କମିଟି ସ୍ୱୀକାର କରିଛି।

## ଜୁନ୍ ମଧ୍ୟଭାଗ ଯାଏ ଟିକାକରଣ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** କରୋନା ଟିକାକରଣ କାର୍ଯ୍ୟକ୍ରମକୁ ଯୋଜନା ଜୁନ୍ ମଧ୍ୟ ଭାଗ ଯାଏ ଆଗୁଆ। ପ୍ରସ୍ତୁତ କରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଏଥିସହ କୋ-ୱିନ ଆପରେ ଏକଥା ଲୋକଙ୍କୁ ଜଣାଇବା ସହ ଅଧିକରୁ ଅଧିକ ଟିକାର ଡୋଜ୍ ଯୋଗାଇ ଦେବାକୁ କହିଛନ୍ତି। ଟିକାକରଣ କେନ୍ଦ୍ରରେ ଅଧିକ ଭିଡ଼ ନ କରି ପର୍ଯ୍ୟାୟକ୍ରମେ ଲୋକଙ୍କୁ ଡୋଜ୍ ଦେବାକୁ ମଧ୍ୟ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ସୂଚନା ଅନୁସାରେ, କେନ୍ଦ୍ର ସରକାର ମେ' ୧ରୁ ଜୁନ୍ ୧୫ ମଧ୍ୟରେ ରାଜ୍ୟଗୁଡ଼ିକୁ ୫.୮୬ କୋଟି ଟିକା ଯୋଗାଇ ଦେବେ। ସେହିପରି ଆସନ୍ତା ମାସ ଶେଷ ସୁଦ୍ଧା ଉଭୟ କୋଭିସିଲ୍ଡ ଓ କୋଭାକ୍ସିନ ଟିକାର ୪.୮୭ କୋଟି ଡୋଜ ମାର୍କେଟରେ ଉପଲବ୍ଧ



ହେବ। ଏହି ୪.୮୭ କୋଟି ଟିକା ଉଭୟ ରାଜ୍ୟ ଓ ଘରୋଇ ହସ୍ପିଟାଲ ସିଧାସଳଖ କିଣି ପାରିବେ। କେନ୍ଦ୍ର ସରକାର ପଠାଉଥିବା ଟିକା କେବଳ ୪୫ ବର୍ଷରୁ ଅଧିକ ଓ ସମ୍ମୁଖ ଯୋଦ୍ଧାମାନଙ୍କୁ ଦିଆଯିବ। ୧୮ରୁ ୪୪ ବର୍ଷ ବୟସ ବର୍ଗର ଲୋକମାନେ କେବଳ ରାଜ୍ୟ ସରକାର, ଘରୋଇ ହସ୍ପିଟାଲ କିମ୍ବା କର୍ପୋରେଟ୍ ସେକ୍ଟର ସିଧାସଳଖ କିଣିଥିବା ଟିକା ନେଇପାରିବେ। କେନ୍ଦ୍ର ସରକାର ରାଜ୍ୟମାନଙ୍କୁ କହିଛନ୍ତି ଯେ ସେମାନେ ଜିଲ୍ଲା ୱାରି ଓ ଟିକାକରଣ କେନ୍ଦ୍ର ୱାରି ଡୋଜ୍ ଦେବାକୁ ଯୋଜନା ପ୍ରସ୍ତୁତ କରନ୍ତୁ। ଏହାକୁ ଯଥା ସମ୍ଭବ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାନ୍ତୁ। ଜୁନ୍ ମଧ୍ୟ ଭାଗ ଯାଏ ଟିକାକରଣ ବ୍ୟବସ୍ଥା ଆଗୁଆ ପ୍ରସ୍ତୁତ ହେବା ଉଚିତ। ଏହାଦ୍ୱାରା ଲୋକମାନେ ବେଶ ଆରାମରେ ଟିକାକରଣ କେନ୍ଦ୍ରକୁ ଯାଇ ଡୋଜ୍ ଗ୍ରହଣ କରିପାରିବେ। ନିଜର ଟିକାକରଣ ବ୍ୟବସ୍ଥାକୁ ବିଭିନ୍ନ ମିଡିଆ ପ୍ଲାଟଫର୍ମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚାଇବା ଉଚିତ। ରାଜ୍ୟ ଓ ଘରୋଇ ଟିକାକରଣ କେନ୍ଦ୍ରଗୁଡ଼ିକ କୋ-ୱିନ ଆପ୍‌ରେ ଟିକା ପ୍ରଦାନର କ୍ୟାଲେଣ୍ଡର ଆଗୁଆ। ପ୍ରଦାନ କରିବେ। କେବଳ ଦିନିକିଆ ଭିତ୍ତିରେ ଟିକାକରଣ ଯୋଜନା ନ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

## କରୋନାରୁ ସୁସ୍ଥ ହେବାର ୯ ମାସ ପରେ ନେବେ ଟିକା

**ନୂଆଦିଲ୍ଲୀ :** କରୋନାରୁ ସୁସ୍ଥ ହୋଇଥିବା ରୋଗୀଙ୍କୁ ଭ୍ୟାକସିନ୍ ନେବା ପାଇଁ ୬ରୁ ୯ମାସ ବ୍ୟବଧାନ ରଖିବାକୁ ପରାମର୍ଶ ଦିଆଯାଇଛି। ନ୍ୟାଶନାଲ୍ ଟେକନିକାଲ୍ ଆଡଭାଇଜର ଗ୍ରୁପ୍ ଅଫ୍ ଇମ୍ୟୁନାଇଜେସନ୍ (ଏନଟିଏଜିଆଇ) ନାମକ ସରକାରୀ ପ୍ୟାନେଲ୍ ଏହି ପରାମର୍ଶ ଦେଇଛି। ଏହା ପୂର୍ବରୁ ଏନଟିଏଜିଆଇ କହିଥିଲା ଯେ କରୋନା ରୋଗୀ ସୁସ୍ଥ ହେବାର ୬ମାସ ପରେ ଭ୍ୟାକସିନ୍ ନେବା ଦରକାର। ହେଲେ ଏବେ ଏହି ଅବଧିକୁ ୯ ମାସ ପର୍ଯ୍ୟନ୍ତ ବାଢାଇବାକୁ ପ୍ରସ୍ତାବ ଦିଆଯାଇଛି। ପ୍ୟାନେଲ୍ ଏହି ପ୍ରସ୍ତାବକୁ ସରକାରଙ୍କ ପାଖକୁ ମଞ୍ଜୁରୀ ପାଇଁ ପଠାଇ ଦେଇଛି। ଏହି ପ୍ରସ୍ତାବ ସେହି ସମୟରେ ଆସିଛି, ଯେଉଁଠି କିଛି ଦିନ ତଳେ ଆଡଭାଇଜରୀ କମିଟି କହିଥିଲା ଯେ କୋଭିଶିଲ୍ଡର ଦୁଇଟି ଯାକ ଡୋଜ୍ ନେବା ମଧ୍ୟରେ ବ୍ୟବଧାନ ୧୨ରୁ ୧୬ ସପ୍ତାହ ସମୟ ହେବା ଦରକାର। ପୂର୍ବରୁ ଏହି ବ୍ୟବଧାନ ୪ରୁ



୮ ସପ୍ତାହ ଥିଲା। କୁହାଯାଉଛି ଯେ ବିଶେଷଜ୍ଞ ପ୍ୟାନେଲ୍ ସମୟସୀମାର ସମୀକ୍ଷା କରିବା ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ତଥ୍ୟକୁ ଦେଖିଛନ୍ତି, ଯାହାଦ୍ୱାରା କୌଣସି ବ୍ୟକ୍ତିଙ୍କ ଉପରେ ଯେପରି ପୁନର୍ବାର ସଂକ୍ରମିତ ହେବାର ବିପଦ ନଥିବ। ପ୍ୟାନେଲ୍ କହିଛି, ସଂକ୍ରମଣ ହେବା ଓ ପ୍ରଥମ ଡୋଜ୍ ନେବାର ବ୍ୟବଧାନ ବାଢାଇବା ଦ୍ୱାରା ଆଣ୍ଟିବଡିକୁ ଆହୁରି ଶକ୍ତି ମିଳିବ। ଏହି ପ୍ୟାନେଲ୍ ମଧ୍ୟ ଗର୍ଭବତୀ ଓ ସ୍ତନପାନ କରାଉଥିବା ମହିଳାଙ୍କୁ ଟିକାକରଣ ପାଇଁ ଯୋଗ୍ୟ ବିବେଚନା କରାଯିବାକୁ ପରାମର୍ଶ ଦେଇଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଦିନେ କିମ୍ବା ଦୁଇ ଦିନ ଭିତରେ ଏ ନେଇ କୌଣସି ନିଷ୍ପତ୍ତି ନେଇପାରନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, କରୋନରୁ ସୁସ୍ଥ ହେବା ଓ କୋଭିଡ୍ ଭ୍ୟାକସିନର ପ୍ରଥମ ଡୋଜନ୍ ମଧ୍ୟରେ ୬ମାସର ବ୍ୟବଧାନ ଅତ୍ୟନ୍ତ ସୁରକ୍ଷିତ। ଏନଟିଏଜିଆଇ ପୂର୍ବରୁ କହିଥିଲା ଯେ ଯେଉଁ ବ୍ୟକ୍ତି ଟିକାର ପ୍ରଥମ ଡୋଜ୍ ପରେ ଓ ଦ୍ୱିତୀୟ ଡୋଜ୍ ପୂର୍ବରୁ କରୋନାରେ ସଂକ୍ରମିତ ହୁଅନ୍ତି, ତାହେଲେ ସଂକ୍ରମଣରୁ ସୁସ୍ଥ ହେବାର ୪ରୁ ୮ ସପ୍ତାହ ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର।

## ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଟିକା ନିରାପଦ: କେନ୍ଦ୍ର

**ନୂଆଦିଲ୍ଲୀ:** କରୋନାରେ ସଂକ୍ରମିତ ହୋଇଥିଲେ ସୁସ୍ଥ ହେବାର ତିନି ମାସ ପରେ ଜଣେ ଟିକା ନେବେ। କେନ୍ଦ୍ର ସରକାର ଏହି ପରାମର୍ଶ ଦେଇଛନ୍ତି। ଟିକାକରଣ ନିୟମରେ ଏକ ପରିବର୍ତ୍ତନ ଆଣିବାକୁ ଯାଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏହା କହିଛି। ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଏହି ଟିକା ନିରାପଦ ବୋଲି ମଧ୍ୟ ସରକାର ସ୍ପଷ୍ଟ କରିଛନ୍ତି। ସେହିପରି ଯଦି ଜଣେ ପ୍ରଥମ ଡୋଜ ନେବା ପରେ କରୋନାରେ ସଂକ୍ରମିତ ହୁଅନ୍ତି ତେବେ ତିନି ମାସ ପରେ ଦ୍ୱିତୀୟ ଡୋଜ ଗ୍ରହଣ କରାଯିବା ଉଚିତ। ଏନ୍ଇଜିଭିଏସିର (ଦ ନ୍ୟାସନାଲ ଏକ୍ସପର୍ଟ ଗ୍ରୁପ୍ ଅଫ୍ ଭ୍ୟାକେନ୍ସି ଆଡ୍‌ମିନିଷ୍ଟ୍ରେସନ) ସୁପାରିଶ କ୍ରମେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଗର୍ଭବତୀ ମହିଳାଙ୍କୁ ଟିକାକରଣରେ ସାମିଲ ହୋଇପାରିବେ କି ନାହିଁ ସେ ନେଇ ବିଚାର ବିମର୍ଶ ଚାଲିଛି। ଆଉ ଯେଉଁ ଆକ୍ରାନ୍ତ ପ୍ଲାଜମା ଥେରାପୀରେ ଭଲ ହୋଇଥିବେ ସିଏ ହସ୍ପିଟାଲରୁ ଡିସଚାର୍ଜ ହେବାର ତିନି ମାସ ପରେ ଟିକା ନେଇପାରିବେ। ସେହିଭଳି, ଯଦି ପ୍ରଥମ ଡୋଜ ନେବା ପରେ ଯଦି କେହି ସଂକ୍ରମିତ ହୁଏ, ତେବେ ଆରୋଗ୍ୟ ହେବାର ୩ ମାସ ପରେ ଦ୍ୱିତୀୟ ଡୋଜ ନିଆଯାଇପାରିବେ। ଆଉ ଯଦି ଜଣେ ଗୁରୁତର ହେବା ପରେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି, ସେ ସୁସ୍ଥ ହେବା ପରେ ୪ ରୁ ୮ ସପ୍ତାହ ପରେ କରୋନା ଟିକା ନେଇପାରିବେ। ଆଉ କରୋନା ଟିକା ନେବାର ୧୪ ଦିନ ପରେ ଜଣେ ରକ୍ତ ଦାନ କରିପାରିବେ। ରକ୍ତ ଦାନ କରିବା ପୂର୍ବରୁ ଆରଟିପିସିଆର ରିପୋର୍ଟ ନେଗେଟିଭ୍ ହୋଇଥିବା ଦରକାର ଆଉ ଟିକା ନେବା ପୂର୍ବରୁ ଆଣ୍ଟିଜେନ ଟେଷ୍ଟର ଆବଶ୍ୟକତା ନାହିଁ ବୋଲି ସରକାର କହିଛନ୍ତି।

# 'ଭାରତରେ ଆସିବ କରୋନାର ଏକାଧିକ ତରଙ୍ଗ'

**ନୂଆଦିଲ୍ଲୀ :** ଭାରତରେ ଏବେ କରୋନା ମହାମାରୀର ୨ୟ ତରଙ୍ଗ ଜାରି ରହିଛି। ଆଗକୁ ୩ୟ ତରଙ୍ଗ ଆସିବ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ତେବେ କେବଳ ୩ୟ ତରଙ୍ଗ ନୁହେଁ, ଆଗାମୀ ଦିନରେ ଆହୁରି ଏକାଧିକ ତରଙ୍ଗ ଆସିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ ବା ହୁ)ର ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି। ଭାରତରେ ଏବେ ଦୈନିକ ୩ ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହେଉଥିବାବେଳେ ୪ ହଜାରରୁ ଊର୍ଦ୍ଧ୍ୱ ପ୍ରାଣ ହରାଉଛନ୍ତି। ଏପରି ସ୍ଥଳେ ଡବ୍ଲ୍ୟୁଏଚଓର ମୁଖ୍ୟ ବୈଜ୍ଞାନିକ ଡା. ସୌମ୍ୟା ସ୍ୱାମୀନାଥନ କରୋନା ଆଗାମୀ ତରଙ୍ଗକୁ ନେଇ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଆଗାମୀ ସମୟରେ କରୋନାର ଆହୁରି କେତେକ ତରଙ୍ଗ ଭାରତର ସମସ୍ୟା ବଢ଼ାଇପାରେ। କରୋନା ବିରୋଧୀ ଲଢ଼େଇରେ ଆସନ୍ତା ୬ରୁ ୧୮ ମାସ ଭାରତର ବହୁ ଗୁରୁତ୍ୱପୂର୍ଣ୍ଣ। ଡା. ସ୍ୱାମୀନାଥନ କହିଛନ୍ତି, ମହାମାରୀ ବିରୋଧରେ ଏହି ଯୁଦ୍ଧରେ ଭୂତାଣୁର ନୂଆ ପ୍ରକାର ବିରୋଧରେ ଟିକାର କ୍ଷମତା ଏବଂ ଟିକାରୁ ସୃଷ୍ଟି ହେଉଥିବା ରୋଗପ୍ରତିରୋଧକ ଶକ୍ତି କେତେ ସମୟ ପର୍ଯ୍ୟନ୍ତ ଲୋକଙ୍କୁ ରକ୍ଷା କରୁଛି ତାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବିଷୟ। ଆମେ ଜାଣିଛୁ, ମହାମାରୀର ଏହି ଘାତକ ପର୍ଯ୍ୟାୟର ନିଶ୍ଚିତ ଭାବେ ଅନ୍ତ ହେବ। ୨୦୨୧ ଶେଷ ସୁଦ୍ଧା ଆମେ ଏହା ଦେଖିବା, ଯେତେବେଳେ ବିଶ୍ୱର ୩୦ ପ୍ରତିଶତ ଜନସଂଖ୍ୟାକୁ ଟିକାକରଣ କରାଯାଇସାରିଥିବ। ସେତେବେଳକୁ ଆମେ ମୃତ୍ୟୁହାରରେ ହ୍ରାସ ଦେଖିପାରିବା। ଏହା ପରେ ୨୦୨୨ରେ ଟିକାକରଣ ତ୍ୱରାନ୍ୱିତ ହୋଇପାରିବ। ଚିକିତ୍ସାର ପ୍ରୋଟୋକଲ




ଉପରେ ମନ୍ତବ୍ୟ ଦେଇ ଡା. ସ୍ୱାମୀନାଥନ କହିଛନ୍ତି, ଲୋକମାନଙ୍କ ପାଇଁ ଏହା ବୁଝିବା ଜରୁରୀ ଯେ, ଏକ ଭୁଲ ଔଷଧକୁ ଭୁଲ ସମୟରେ ବ୍ୟବହାର କରିବା ଦ୍ୱାରା ତାଙ୍କୁ ଲାଭ ତୁଳନାରେ ଅଧିକ କ୍ଷତି ସହିବାକୁ ପଡ଼ିପାରେ। ଏବେ ସାଧାରଣ ଭାବେ ବ୍ୟବହାର ହେଉଥିବା ଔଷଧ ଗୁଡ଼ିକର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ। ଯେକୌଣସି ଦେଶ ରୋଗର ମୁକାବିଲା ପାଇଁ ଡବ୍ଲ୍ୟୁଏଚଓର ଚିକିତ୍ସା ପ୍ରୋଟୋକଲର ସହାୟତା ନେଇପାରନ୍ତି। ସେ ଆହୁରି କହିଛନ୍ତି, ବି୧୬୧୭ ଭାରିଆଣ୍ଟ କରୋନାର ସବୁଠୁ ସଂକ୍ରାମକ ଷ୍ଟ୍ରେନ୍। ଭାରଆଣ୍ଟଗୁଡ଼ିକ ମୂଳ ଭୂତାଣରୁ ମ୍ୟୁଟେଟ୍ ଅଥବା ବିକଶିତ ରୂପ। ସେଥିଲାଗି ଏହାର ଭାଇରାଲ ଜିନୋମ ପରିବର୍ତ୍ତିତ ହୋଇଥାଏ। ଏହା ସାଧାରଣ କଥା। ଆରଏନଏ ଭୂତାଣୁ ଯେପରି ବହୁଗୁଣିତ ହୋଇଥାଏ, ଭୂତାଣୁ ନିଜର ନକଲ କରିବାରେ ସହାୟକ ହୋଇଥାଏ। ଏହା ଭୂତାଣୁରେ ସାମାନ୍ୟ ପରିବର୍ତ୍ତନ ଆଣିଥାଏ। ସୂଚନାଯୋଗ୍ୟ, ଡବ୍ଲ୍ୟୁଏଚଓ ବର୍ତ୍ତମାନ ସୁଦ୍ଧା ଭାରିଆଣ୍ଟ ଅଫ କନ୍ସର୍ନ ବା ଚିନ୍ତାଜନକ ଷ୍ଟ୍ରେନ୍ ତାଲିକାରେ ୪ଟି ଭାରିଆଣ୍ଟକୁ ସାମିଲ କରିଛି। ସେଥିରେ ବି୧୬୧୭ ନୂତନ ଭାରିଆଣ୍ଟ, ଯାହା ସର୍ବପ୍ରଥମେ ଭାରତରେ ମିଳିଥିଲା। ପରବର୍ତ୍ତୀ ସମୟରେ ବିଶ୍ୱର ପ୍ରାୟ ୫୦ ଦେଶରେ ପହଞ୍ଚି ସାରିଛି। ଏହି ଭାରିଆଣ୍ଟ ମୂଳ ଭୂତାଣୁ ତୁଳନାରେ ଦେଢ଼ରୁ ଦୁଇଗୁଣ ଅଧିକ ସଂକ୍ରାମକ ହୋଇପାରେ। ଏହା ବ୍ରିଟେନରେ ଠାବ ହୋଇଥିବା ବି୧୧୭ ଭାରିଆଣ୍ଟଠାରୁ ବି ଅଧିକ ବିପଜ୍ଜନକ ହୋଇପାରେ, ଯାହାଦ୍ୱାରା ଭାରତ ଚିନ୍ତା ବୃଦ୍ଧି ପାଇଛି ବୋଲି ଡା. ସ୍ୱାମୀନାଥନ କହିଛନ୍ତି।

# ଓଡ଼ିଶାରେ ଟେଷ୍ଟିଂ ଜାତୀୟ ହାରଠାରୁ କମ୍ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** କରୋନା ମହାମାରୀ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଟ୍ରେସିଂ,ଟେଷ୍ଟିଂ ଓ ଟ୍ରିଟମେଂଟ୍‌କୁ ଗୁରୁତ୍ୱ ଦେଇ ଆସୁଛନ୍ତି। ତେଣୁ ଦଳ, ମତ ନିର୍ବିଶେଷରେ ଓଡ଼ିଶାର ସମସ୍ତ ଭାଇ ଭଉଣୀ ଓ ଗୁରୁଜନ ମାନଙ୍କୁ ଟେଷ୍ଟିଂ ଅଭିଯାନରେ ସାମିଲ ହୋଇ ଏହାକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ବାର୍ତ୍ତାରେ କହିଛନ୍ତି ଯେ ଦେଶ ଏବଂ ରାଜ୍ୟ କରୋନାର ଦ୍ୱିତୀୟ ଲହର ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଓଡ଼ିଆ ଲୋକମାନେ ଚିନ୍ତାରେ ଅଛନ୍ତି। କରୋନାକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଷ୍ଟିଂ ବଢ଼ାଇବା, ଟ୍ରେସିଂ କରିବା ଏବଂ ଟ୍ରିଟମେଂଟ୍ କରିବା ଉପରେ ରଣନୀତି ପ୍ରସ୍ତୁତି କରିବା ପାଇଁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ସରକାରଙ୍କ ମୁଖ୍ୟ ପରାମର୍ଶ ଦାତା ତ୍ରାନାଥ ରେଡ୍ଡି ଏକ ଖବରକାଗଜରେ ଏହି କଥାକୁ ପ୍ରାଥମିକତା ଦେଇଛନ୍ତି କିନ୍ତୁ ବିଶେଷ ଭାବରେ ଗ୍ରାମାଂଚଳରେ ଲୋକ ମାନଙ୍କ ମନରେ କରୋନା ପ୍ରତି ଭୟ ଓ ଭ୍ରାନ୍ତି ଧାରଣା ଥିବାରୁ ଲୋକମାନେ ଟେଷ୍ଟିଂ କରିବାକୁ ଆସୁନାହାନ୍ତି। ବ୍ୟବସ୍ଥା ସତ୍ୱେ ନାଗରିକମାନେ ଟେଷ୍ଟିଂ କରିବା ପାଇଁ ପଛ ଘୁଂଚା ଦେଉଛନ୍ତି, ଯାହା ଚିନ୍ତାଜନକ ବିଷୟ। ରାଜ୍ୟର ଗ୍ରାମାଂଚଳର ଜନଜାତି ବସତି ଅଂଚଳରେ ଟେଷ୍ଟିଂ ପାଇଁ କୁଣ୍ଠାବୋଧ ଦେଖାଯାଇଛି। ଟେଷ୍ଟିଂ ପାଇଁ ଲୋକଙ୍କୁ ପ୍ରୋତ୍ସାହନ କରିବା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ସମାଜ ବା ଆମ ସମସ୍ତଙ୍କର ଦାୟିତ୍ୱ। ଗଣତନ୍ତ୍ରରେ ଶାସନ ସମ୍ଭାଳିବା ପାଇଁ ବହୁମତର ଆବଶ୍ୟକତା ଥାଏ କିନ୍ତୁ ଯେତେବେଳେ ଜାତୀୟ ବିପତି ହୁଏ ସଂକଟ ଆସେ ସେତେବେଳେ 'କ୍ରାଇସିସ୍ ମ୍ୟାନେଜମେଂଟ୍ କମିଟି' ଗଠନ ହେବାର ଆବଶ୍ୟକତା ଥାଏ ଏବଂ ସର୍ବମତ ପ୍ରାଥମିକତା ଦେବାର ଆବଶ୍ୟକତା ଥାଏ। ସମାଜର ସବୁ ବ୍ୟକ୍ତିତ୍ୱ ମାନଙ୍କୁ ମିଶାଇ ରାଜନୈତିକ ଦଳ, ସମାଜିକ ସଂଗଠନ, ସ୍ୱେଚ୍ଛାସେବୀ, ଛୋଟ ମଠ, ମନ୍ଦିର, ମହିଳା ମଣ୍ଡଳ, ଯୁବ ସଂଗଠନ, ସଂଗଠନ ସମୂହ ତଥା ଏ ସମସ୍ତଙ୍କୁ ମିଶାଇ ବହୁମତକୁ ଏକାଠୀ କରି ସମାଜକୁ ସମ୍ଭାଳିବାର ଆବଶ୍ୟକତା ରହିଛି। ଏହା ହିଁ ପରିପକ୍ୱ ଗଣତନ୍ତ୍ରରେ ବଡ଼ ଆବଶ୍ୟକତା। ଆମ ରାଜ୍ୟରେ ସମସ୍ତଙ୍କ ଦାୟିତ୍ୱ ଟେଷ୍ଟିଂକୁ ଜନଆନ୍ଦୋଳନରେ ପରିଣତ କରିବାର।



ଜନଆନ୍ଦୋଳନ ଏବଂ ଜନଭାଗିଦାରୀ ଓଡ଼ିଶା ପାଇଁ ବଡ଼ ଆବଶ୍ୟକତା ରହିଛି। ଆଜି ସର୍ବଭାରତୀୟ ସ୍ତରରେ ପରିସଂଖ୍ୟାନ ଅନୁଯାୟୀ, ମଇ ମାସରେ ଅଦ୍ୟାବଧି ମିଳିଥିବା ତଥ୍ୟ ଅନୁସାରେ ଭାରତରେ ପ୍ରତି ୧ ଲକ୍ଷରେ ହାରାହାରି ୧୪୬ ଲୋକଙ୍କୁ ଟେଷ୍ଟିଂ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଜନସଂଖ୍ୟା ୪.୫ କୋଟିରୁ ଉର୍ଦ୍ଧ୍ୱ ଥିଲେ ମଧ୍ୟ ଗତ ୧୭ ଦିନ ମଧ୍ୟରେ ହାରାହାରି ପ୍ରତ୍ୟେକ ୧ ଲକ୍ଷ ଜନସଂଖ୍ୟାରେ ୧୨୦ ଲୋକଙ୍କୁ ପରୀକ୍ଷା କରାଯାଉଛି। ଠିକ୍ ସେହି ସମୟରେ କେରଳରେ ହାରାହାରି ୩୯୦ ଲୋକଙ୍କ ପରୀକ୍ଷା ହେଉଥିବା ବେଳେ ଦିଲ୍ଲୀରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ୪୧୭ ଜଣଙ୍କୁ ପରୀକ୍ଷା କରାଯାଉଛି। ସେହିଭଳି ଓଡ଼ିଶାର ପଡୋଶୀ ରାଜ୍ୟ ଓଡ଼ିଶା ଠାରୁ ମଧ୍ୟ ମାତ୍ରାଧିକ ଟେଷ୍ଟିଂ ହୋଇଛି। ୟୁପ୍ରୋର ପ୍ରତିଷ୍ଠାତା ଅଜିତ୍ ପ୍ରେମଜୀଙ୍କ ମତରେ କରୋନାକୁ ହରାଇବା ପାଇଁ ରାସ୍ତା ହେଉଛି ସତ୍ୟ ଏବଂ ବିଜ୍ଞାନ। ସବୁଠି ଟେଷ୍ଟିଂକୁ ବଢ଼ାଇବାକୁ ପଡ଼ିବ। ୨୩ଟି ଜିଲ୍ଲାରେ ଟେଷ୍ଟିଂ ହାର ଜାତୀୟ ଟେଷ୍ଟିଂ ଠାରୁ କମରେ ରହିଛି। ବିଶେଷ ଭାବରେ ସମ୍ବଲପୁର, ଅନୁଗୁଳ, ବରଗଡ, ସୁନ୍ଦରଗଡ଼ ଓ କଳାହାଣ୍ଡି ଭଳି ରାଜ୍ୟର ୧୪ଟି ଜିଲ୍ଲାରେ ପଜିଟିଭ୍ ରେଟ୍ ଜାତୀୟ ପଜିଟିଭ୍ ରେଟ୍ ଠାରୁ ଅଧିକ ରହିଛି । ଏସବୁକୁ ଦେଖିଲେ ଏଠାରେ ଟେଷ୍ଟିଂ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସରକାର ବ୍ୟବସ୍ଥା କରିବେ କିନ୍ତୁ କେବଳ ବ୍ୟବସ୍ଥା କରିବା ସରକାରଙ୍କ ଦାୟିତ୍ୱ ନୁହେଁ ବରଂ ଲୋକଙ୍କୁ ଏକାଠୀ କରି ପହଁାଇବା ପାଇଁ ପଡ଼ିବ। ସବୁ ଓଡ଼ିଆ ଲୋକମାନଙ୍କର ଦାୟିତ୍ୱ ସବୁ ଭେଦ ଭାବକୁ ଭୁଲି ଏ ଜଟିଳ ପରିସ୍ଥିତିକୁ ସମାଜରୁ ବାହାର କରିବା ପାଇଁ ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟମେଂଟକୁ ପ୍ରାଥମିକତା ଦେବା ପାଇଁ ପଡ଼ିବ। ମୋର ବିଶ୍ୱାସ ଓଡ଼ିଆ ଲୋକଙ୍କ ଅଦମ୍ୟ ସାହାସରେ କୋଭିଡକୁ ପରାସ୍ତ କରିବା ପାଇଁ ଏହାକୁ ଜନଆନ୍ଦୋଳନରେ ପରିଣତ କରାଯାଇପପାରିବ। ଦେଶର ପଶ୍ଚିମାଂଚଳ ଓ ଉତରାଂଚଳ ଧୀରେଧୀରେ କରୋନାର ସ୍ଥିତାବସ୍ଥା ସୁଧୁରୁଛି। ଦକ୍ଷିଣାଂଚଳରେ ଏବେ କରୋନାର ରୂପ ଦେଖାଉଛି। ଏହାକୁ ଧୈର୍ଯ୍ୟର ସହ ବୁଦ୍ଧି ଓ ସାହାସ ଦେଖାଇ ସମାଜ କରୋନା ମୁକାବିଲାର ସାମ୍ନା କରୁଛି। ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟର ରାଜ୍ୟ ସରକାର, ସାମାଜିକ ସଂଗଠନ, ନାଗରିକମାନେ ଏଭଳି ଅଭାବନୀୟ ସ୍ଥିତିକୁ ସାମ୍ନା କରିବା ପାଇଁ ଦିନରାତି ପରିଶ୍ରମ କରୁଛନ୍ତି। କରୋନା ଯୋଦ୍ଧା ବିଶେଷ ଭାବରେ ଡ଼ାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପାରାମେଡ଼ିକାଲ, ପୋଲିସ ପ୍ରଶାସନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ବିକୁଥିବା ଲୋକମାନେ, ଗ୍ୟାସ ଡ଼େଲିଭରି ବୟ ସମସ୍ତେ ଏହି ସମୟରେ ସେବା ଯୋଗାଇ ଆସୁଛନ୍ତି ବୋଲି ସେ କହିଛନ୍ତି।

## କଳାକାରଙ୍କୁ ମିଳିବ ୪ ମାସର ପେନ୍‌ସନ୍




**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାରମାନେ ଏକାଥରେ ୪ ମାସର ପେନ୍‌ସନ୍ ପାଇବେ। ଚଳିତ ମାସ ଶେଷ ସୁଦ୍ଧା ଏହି ପେନ୍‌ସନ୍ ପ୍ରଦାନ କରାଯିବ। କରୋନା ମହାମାରୀର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟର ୩୭ ହଜାର କଳାକାର ମାସିକ ୧୨୦୦ ଟଙ୍କା ଲେଖାଏ ପେନ୍‌ସନ୍ ପାଉଛନ୍ତି। ଗତ ଫେବୃଆରି ମାସ ଯାଏ ସେମାନେ ପେନ୍‌ସନ୍ ପାଇ ସାରିଛନ୍ତି। ଏବେ ମାର୍ଚ୍ଚ, ଏପ୍ରିଲ୍, ମେ' ଓ ଜୁନ୍ ମାସର ପେନ୍‌ସନ୍ ଏକା ସଙ୍ଗେ ଦିଆଯିବ। ହିତାଧିକାରୀମାନଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ଯିବ। ସୂଚନାଯୋଗ୍ୟ ଯେ ଗତ ବର୍ଷ ମଧ୍ୟ କରୋନା ପାଇଁ କଳାକାରଙ୍କୁ ଆଗୁଆ ପେନ୍‌ସନ୍ ପ୍ରଦାନ କରାଯାଇଥିଲା।

## ଘରୋଇ ଆମ୍ବୁଲାନ୍ସ ପାଇଁ ଭଡା ଧାର୍ଯ୍ୟ

**ଭୁବନେଶ୍ୱର :** କୋଭିଡ୍ ସମୟରେ ସରକାର ଆମ୍ବୁଲାନ୍ସ ପାଇଁ ଭଡା ଧାର୍ଯ୍ୟ କରିଛନ୍ତି। ରାଜ୍ୟ ପରିବହନ ବିଭାଗ ଆମ୍ବୁଲାନ୍ସ ପାଇଁ ଭଡା ଧାର୍ଯ୍ୟ କରିଛନ୍ତି। ତେବେ କେବଳ ଘରୋଇ ଆମ୍ବୁଲାନ୍ସ ପାଇଁ ଭଡା ଧାର୍ଯ୍ୟ କରାଯାଇଥିବା ଜଣାପଡିଛି। କରୋନା ଆକ୍ରାନ୍ତଙ୍କୁ ଆମ୍ବୁଲାନ୍ସରେ ନେବା ପାଇଁ ଚଢ଼ା ଦର ଦାବି କରୁଥିବା ବେଳେ ପରିବହନ ବିଭାଗ ଏହି ଦର ଧାର୍ଯ୍ୟ କରିଛି। ଧାର୍ଯ୍ୟ ହୋଇଥିବା ଦର ଠାରୁ କୌଣସି ଆମ୍ବୁଲାନ୍ସ ଅଧିକ ଟଙ୍କା ଦାବି କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ପରିବହନ ବିଭାଗର ନିଷ୍ପତ୍ତି ମୁତାବକ ରୋଗୀ ପରିବହନ ପାଇଁ ମାରୁତି ଓମିନି ଆମ୍ବୁଲାନ୍ସ ଭଡା ବାବଦରେ ୭୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ମାରୁତି ଓମିତି ଲାଇଫ ସପୋର୍ଟ ଆମ୍ବୁଲାନ୍ସ ଭଡା ଆକାରରେ ୧୦୦୦ ଟଙ୍କା ଧାର୍ଯ୍ୟ ହୋଇଛି। ମହିନ୍ଦ୍ରା ବୋଲେରୋ ଶ୍ରେଣୀର ଆମ୍ବୁଲାନ୍ସ ଭଡା ୧୦୦୦ ଟଙ୍କା। ମହିନ୍ଦ୍ରା ବୋଲେରୋ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ଭଡା ୧୫୦୦ ଟଙ୍କା ରହିଛି। ସେହିଭଳି ଓ୍ୱିଙ୍ଗର ଶ୍ରେଣୀଭୁକ୍ତ ଆମ୍ବୁଲାନ୍ସ ଭଡା ୧୨୫୦ ଟଙ୍କା ହୋଇଥିବା ବେଳେ ଓ୍ୱିଙ୍ଗର ଶ୍ରେଣୀଭୁକ୍ତ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ଭଡା ୨୦୦୦ ଟଙ୍କା ଧାର୍ଯ୍ୟ କରାଯାଇଛି।



## ଡ୍ରାଇଭ୍-ଇନ ଟିକାକରଣ କାର୍ଯ୍ୟକ୍ରମ ବନ୍ଦ



**ଭୁବନେଶ୍ୱର:** ଡ୍ରାଇଭି ଇନ୍ ଏବଂ ଘରେ ପହଞ୍ଚି ଟିକାକରଣକୁ ମନା କଲେ ରାଜ୍ୟ ସରକାର। ଏ ନେଇ ସବୁ ଜିଲ୍ଲାପାଳ ଓ ମହାନଗର ନିଗମ ଆୟୁକ୍ତଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଚିଠି ଲେଖିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଭାରତ ସରକାରଙ୍କ ଗାଇଡ୍‌ଲାଇନ୍‌ରେ ଏପରି ବ୍ୟବସ୍ଥା ନାହିଁ। ଯଥେଷ୍ଟ ବିଶ୍ରାମ ଅଞ୍ଚଳ ଓ ପର୍ଯ୍ୟବେକ୍ଷଣ ଗୃହ ଥିବା ଜାଗାରେ ଟିକା ଦେବା ନିୟମ ରହିଛି। ଟିକା ନେବା ପରେ ଗ୍ରହୀତାଙ୍କୁ ୩୦ ମିନିଟ୍ ଅବଜରଭେସନ ନିୟମ ରହିଛି। ଡ୍ରାଇଭି ଇନ୍ ଏବଂ ଘରେ ପହଞ୍ଚି ଟିକାକରଣରେ ଏସବୁ ନିୟମ ପାଳନ ହେବା କଷ୍ଟକର। ଏସବୁ ଦ୍ୱାରା ଅଧିକ ମାତ୍ରାରେ ଟିକା ଅପଚୟ ହେବା ସମ୍ଭାବନା ରହିଛି। ତେଣୁ ଏସବୁ ବ୍ୟବସ୍ଥା ବନ୍ଦ କରିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରକାଶ କରିଛନ୍ତି।

## ସହରରେ କୃତ୍ରିମ ବନ୍ୟାକୁ ନିୟନ୍ତ୍ରଣ କର

**ଭୁବନେଶ୍ୱର :** ବର୍ଷା ଦିନେ କୃତ୍ରିମ ବନ୍ୟା କିମ୍ବା ଜଳବନ୍ଦୀ ଏକ ସଙ୍ଗୀନ୍ ସମସ୍ୟା ପାଲଟିଯାଇଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ବି ତାହାର ସମାଧାନ ପାଇଁ ଠୋସ୍ ପଦକ୍ଷେପ ନିଆଯାଇ ନାହିଁ। ଏ ବର୍ଷ କିପରି ଏହି କୃତ୍ରିମ ବନ୍ୟାକୁ ନିୟନ୍ତ୍ରଣ କରାଯିବ, ସେ ନେଇ ତତ୍ପରତା ପ୍ରକାଶ କରିଛି ନଗର ଉନ୍ନୟନ ବିଭାଗ। ପ୍ରତି ସହର ପାଇଁ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ସବୁ ଜିଲ୍ଲା ପ୍ରଶାସନ ଓ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ବଡ଼ ବର୍ଷା, ବାତ୍ୟା ଭଳି ସ୍ଥିତିରେ ଯେଉଁଭଳି ସହରାଞ୍ଚଳରେ କୌଣସିଠାରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନ ହୁଏ, ସେଥିପାଇଁ ସତର୍କ ରହିବାକୁ କୁହାଯାଇଛି। ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାଏକ ଏହି ପ୍ରସଙ୍ଗରେ ସମସ୍ତ ଜିଲ୍ଲାପାଳ, ମହାନଗର ନିଗମର କମିସନର, ମ୍ୟୁନିସିପାଲିଟି ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ପୌରପାଳିକାଗୁଡ଼ିକ ଡ୍ରେନେଜ ଡିଭିଜନ୍, କ୍ଷୁଦ୍ର ଜଳସେଚନ ଓ ଜଳସମ୍ପଦ ବିଭାଗ ସହିତ ମିଳିତ ଭାବେ ବର୍ଷା ଋତୁ ପୂର୍ବରୁ ସମସ୍ତ ଡ୍ରେନ ଚ୍ୟାନେଲ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଅନୁଧ୍ୟାନ କରିବେ। ଆବଶ୍ୟକ ସ୍ଥଳେ ଦୁର୍ଘଟଣା ଏଡ଼ାଇବା ପାଇଁ ଡ୍ରେନ ଘୋଡ଼ଣିଗୁଡ଼ିକର ମରାମତି କିମ୍ବା ନିର୍ମାଣ କରିବେ। କାରଣ ପ୍ରବଳ ବର୍ଷା ସମୟରେ ବର୍ଷା ପାଣି ଫୁଟପାଥ୍ ଉପରକୁ ଉଠିଗଲା ପରେ ଘୋଡ଼ଣି ନ ଥିବା ସ୍ଥାନରେ ଲୋକେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ସେହିଭଳି ଯଦି କୌଣସି ଠାରେ ଡ୍ରେନ ଜବରଦଖଲ ହୋଇ ଜଳ ଅବରୋଧ ହେବାର ଆଶଙ୍କା ରହିଛି, ତେବେ ତୁରନ୍ତ ସେହି ଜବରଦଖଲ ହଟାଇବା ଓ ଉଚ୍ଛେଦ ପାଇଁ କୁହାଯାଇଛି। ଆବଶ୍ୟକ ସ୍ଥଳେ ଜବରଦଖଲକାରୀ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରାଞ୍ଚଳରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହେଉଥିବା ସ୍ଥାନ ଚିହ୍ନଟ ସହିତ ସେଠାରେ ବର୍ଷା ସମୟରେ ଜରୁରୀ ଭିତ୍ତିରେ ପମ୍ପ ମୁତୟନ କରିବାକୁ କୁହାଯାଇଛି। ବର୍ଷା ଦିନେ ସହରାଞ୍ଚଳରେ ଜଳ ଜମା ହେବା ଫଳରେ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନିଜ୍ ଏନ୍ସେଫାଲାଇଟିସ୍ ଭଳି ରୋଗ ଏବଂ ଡାଇରିଆ ଓ କାମଳ ଭଳି ଜଳବାହିତ ରୋଗ ହେବାର ଆଶଙ୍କା ରହିଛି। ତାହାକୁ ଦୃଷ୍ଟିରେ ରଖି ଜନବସତି ଅଞ୍ଚଳରେ ଯେଉଁଭଳି ଆଦୌ ଜଳବନ୍ଦୀ ଅବସ୍ଥା ସୃଷ୍ଟି ନ ହୁଏ, ସେଥି ପାଇଁ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଏଭଳି ରୋଗର ନିରାକରଣ ପାଇଁ ଜଳ ଜମା ହେଉଥିବା ସ୍ଥାନରେ ବ୍ଲିଚିଙ୍ଗ ପାଉଡର ସିଞ୍ଚନ ସହିତ ମଇଳା ଟାଙ୍କି ଗୁଡିକରେ ଘୋଡ଼ଣି ପକାଇବା, ଠିକଣା ଭାବେ ଅଳିଆ ଉଠାଇବା, ପାଣି ଟାଙ୍କିଗୁଡ଼ିକରେ ଘୋଡ଼ଣି ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳରେ ନିୟମିତ ଭାବେ ମଶାଧୂଆଁ ଛାଡ଼ିବାକୁ ଅଗ୍ରାଧିକାର ଦିଆଯିବ। ସେହିଭଳି ପ୍ରତ୍ୟେକ ପୌରାଞ୍ଚଳରେ କମିସନର/କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ୟୁନିଫାଏଡ୍ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର ପ୍ରତିଷ୍ଠା କରିବା ସହିତ ବିଭିନ୍ନ ବିଭାଗ, ସଂସ୍ଥା ଓ ଅଗ୍ନିଶମ ବିଭାଗ ସହିତ ସମନ୍ୱୟ ରକ୍ଷା କରି ସେମାନଙ୍କ ଇଲାକାରେ ସୃଷ୍ଟି ବନ୍ୟାଭଳି ପରିସ୍ଥିତିର ମୁକାବିଲା କରାଯିବାକୁ କୁହାଯାଇଛି। ଏହି କମାଣ୍ଡ ସେଣ୍ଟର୍‌ରେ ବିଭିନ୍ନ ବିଭାଗ ସେମାନଙ୍କ ପ୍ରତିନିଧିଙ୍କୁ ସଦସ୍ୟଭାବେ ନିଯୋଜିତ ଲାଗି ଅନୁରୋଧ କରାଯିବ। ବର୍ଷା ଦିନେ ଏହି କମାଣ୍ଡ ସେଣ୍ଟର୍ ସକ୍ରିୟ ଭାବେ ସାଧାରଣ ଲୋକଙ୍କ ସହ ସମନ୍ୱୟ ରକ୍ଷା କରି ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ସେବା ଯୋଗାଇବ। ଉପରୋକ୍ତ ସମସ୍ତ କାର୍ଯ୍ୟ ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ଏସ୍‌ଓପି ଅନୁଯାୟୀ ଉନ୍ନତି/ୟୁଡବ୍ଲ୍ୟୁଆଇ/ଅର୍ଥ କମିସନ୍‌ରଙ୍କ ଅନୁଦାନରୁ ହେବ ବୋଲି ଶ୍ରୀ ନାଏକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଅକ୍ସିଜେନ ଓ ଔଷଧ କଳାବଜାରୀଙ୍କୁ ନେଇ ଏନ୍‌ଏଚ୍‌ଆରସି କ୍ଷୁବ୍ଧ

## କଳାବଜାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଅ

**ଭୁବନେଶ୍ୱର :** ରାଜ୍ୟରେ ଅକ୍ସିଜେନ ସିଲିଣ୍ଡର ଏବଂ ଔଷଧ କଳାବଜାରୀକୁ ନେଇ ରାଜ୍ୟ ମାନବାଧିକାର ଆୟୋଗ କ୍ଷୁବ୍ଧ ପ୍ରକାଶ କରିଛନ୍ତି। ରାଜ୍ୟ ମାନବାଧିକାର ଆୟୋଗ ନିଜ ତରଫରୁ ମାମଲା କରି ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ସ୍ୱାସ୍ଥ୍ୟ ବିଭାଗ ଏସିଏସ୍‌ଙ୍କୁ ଜବାବ ତଲବ କରିଛନ୍ତି। ଓଏଚ୍‌ଆରସି ଅକ୍ସିଜେନ ଏବଂ ଜୀବନ ରକ୍ଷାକାରୀ ଔଷଧର କଳାବଜାରୀ ରୋକିବା ଲାଗି ଉପଯୁକ୍ତ ପଦକ୍ଷେପ ନେବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମାନବାଧିକାର କମିଶନ। କଳାବଜାରୀଙ୍କ ପ୍ରତି କଡା କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ଦ୍ୱିତୀୟ ଲହରରେ ଗ୍ରାମାଞ୍ଚଳ ଅଧିକ ପ୍ରଭାବିତ ହେଉଥିବାରୁ ତୁରନ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ବା ଟିଏମ୍‌ସି ଖୋଲିବାକୁ ମୁଖ୍ୟ ଶାସନ ସଚିବଙ୍କୁ କହିଛନ୍ତି କମିଶନ। ସେହିପରି ମୃତଦେହର ଅନ୍ତିମ ସଂସ୍କାର ନେଇ ଏନ୍‌ଏଚ୍‌ଆରସି ଜାରି କରିଥିବା ପରାମର୍ଶକୁ ପାଳନ କରିବାକୁ ମଧ୍ୟ ସରକାରଙ୍କୁ କୁହାଯାଇଛି।




ଆସନ୍ତା ଜୁନ୍ ୨୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଅକ୍ସିଜେନ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଚିକିତ୍ସା କ୍ଷେତ୍ର ପାଇଁ ଅକ୍ସିଜେନ୍ ଉତ୍ପାଦନ, ଗଚ୍ଛିତ ଓ ଯୋଗାଣକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ଆଜି ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ୯ଜଣିଆ ରାଜ୍ୟସ୍ତରୀୟ ଟାସ୍କଫୋର୍ସରେ ଶିଳ୍ପ ବିଭାଗର ପ୍ରମୁଖ ସଚିବ ଓ ପୂର୍ତ୍ତ ବିଭାଗର ସଚିବ, ଓଡ଼ିଶା ମେଡିକାଲ ନିଗମର ପରିଚାଳନା ନିର୍ଦ୍ଦେଶକ, ଶିଳ୍ପ ନିର୍ଦ୍ଦେଶକ, ଡ୍ରଗ୍ସ ନିୟନ୍ତ୍ରକ, ଫିକ୍କି ପ୍ରତିନିଧି ଓ ଉତ୍କଳ ଚାମ୍ବର୍ସ ଅଫ୍ କମର୍ସ (ୟୁସିସିଆଇ)ର ପ୍ରତିନିଧିଙ୍କୁ ସଦସ୍ୟ ଭାବେ ସାମିଲ କରାଯାଇଛି। ଏହି ଟାସ୍କଫୋର୍ସର ସଦସ୍ୟ ଆବାହକ ଭାବେ ଇପିକଲ ପରିଚାଳନା ନିର୍ଦ୍ଦେଶକ କାର୍ଯ୍ୟ ତୁଲାଇବେ।

# 'ଓଡ଼ିଶାର ମୃତ୍ୟୁହାର ସାରା ଭାରତରେ ସର୍ବନିମ୍ନ'

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ କୋଭିଡ୍ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକରେ ଘୋଷଣା କରିଥିବା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସହିତ ରୋଗୀଙ୍କ ଅବସ୍ଥା ସମ୍ପର୍କରେ ସମ୍ପର୍କୀୟଙ୍କୁ ସଠିକ ସୂଚନା ଦେବା ଏବଂ ଟିକାକରଣ କେନ୍ଦ୍ର ମାନଙ୍କରେ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ କୋଭିଡ୍ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ଅଛି। ରାଜ୍ୟରେ ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟା ନୂଆ ଚିହ୍ନଟ ହେଉଥିବା ରୋଗୀଙ୍କ ଠାରୁ ଅଧିକ ରହୁଛି। ଗତ ସପ୍ତାହରୁ କେତେକ ଜିଲ୍ଲାରେ ସଂକ୍ରମଣ କମିବା ମଧ୍ୟ ଆରମ୍ଭ କରିଛି। ରାଜ୍ୟରେ ପଜିଟିଭ୍ ହାର ମଧ୍ୟ କମିଛି। ଏସବୁ ପାଇଁ ଲକ୍‌ଡାଉନ ଓ ଲୋକଙ୍କ ମଧ୍ୟରେ ସଚେତନତାକୁ ମୁଖ୍ୟମନ୍ତ୍ରୀ ଶ୍ରେୟ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସଂକ୍ରମଣ ହାରକୁ ସମ୍ପୂର୍ଣ୍ଣ କମାଇବା ପାଇଁ ରାଜ୍ୟ ସରକାର ଲକ୍‌ଡାଉନ ଅବଧିକୁ ଆଉ ଦୁଇ ସପ୍ତାହ ବୃଦ୍ଧି କରିଛନ୍ତି। ଲୋକଙ୍କ ସହଯୋଗ ଉପରେ ପୂର୍ଣ୍ଣ ଅସ୍ଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ଯଦି ସମସ୍ତେ କୋଭିଡ୍ ନିୟମ ମାନି ମାସ୍କ ପିନ୍ଧିବା, ବାରମ୍ବାର ସାବୁନରେ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ଅନାବଶ୍ୟକ ଭାବରେ ବାହାରେ ବୁଲିବା ବନ୍ଦ କରିଦେବା, ତେବେ ଆମେ ନିଶ୍ଚୟ ଏହି ଲଢ଼େଇ ଜିତିପାରିବା। ଗତକାଲି ସର୍ବଦଳୀୟ ବୈଠକରେ ଘୋଷଣା କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ଯୋଗୁ ଅନେକ ପରିବାର ଛାରଖାର ହୋଇଯାଇଛି। ତେଣୁ କୋଭିଡ୍ ମୃତକଙ୍କ ବିଧବା ଏବଂ ବାପା-ମାଙ୍କୁ ହରାଇଥିବା ପିଲାମାନେ ଯେପରି ତୁରନ୍ତ ସହାୟତା ପାଇପାରିବେ, ସେଥିପାଇଁ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସଂକ୍ରମଣ ରୋକିବାକୁ ମଇ ୨୪ରୁ ଆରମ୍ଭ ହେବାକୁ ଥିବା ସର୍ଭେ ଯେପରି ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ, ତାକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାପାଳ ମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତି ମାନଙ୍କୁ ସକ୍ରିୟ ଭାବେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କୋଭିଡରେ




ପୀଡିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସମ୍ପର୍କୀୟ ମାନେ ରୋଗୀଙ୍କ ଅବସ୍ଥା ସମ୍ପର୍କରେ ଯେପରି ସଠିକ୍ ସୂଚନା ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ହେଲ୍ପ ଡେସ୍କ ବ୍ୟବସ୍ଥାରେ ଉନ୍ନତି ଆଣିବା ସହିତ ନିୟୋଜିତ କର୍ମଚାରୀମାନଙ୍କୁ ମାନବିକ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଟିକାକରଣ କୋଭିଡ୍ ନିୟନ୍ତ୍ରଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଟିକାକରଣ କେନ୍ଦ୍ର ମାନଙ୍କରେ ସାମାଜିକ ଦୂରତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଲୋକମାନେ ଯେପରି ସୁବିଧାରେ ଟିକାକରଣ କେନ୍ଦ୍ରରେ ପହଞ୍ଚି ଟିକା ନେଇପାରିବେ, ସେଥିପାଇଁ ସେମାନଙ୍କୁ ଟିକାକରଣ କେନ୍ଦ୍ରର ସ୍ଥାନ ଓ ସମୟ ସମ୍ପର୍କରେ ପୂର୍ବରୁ ସୂଚନା ଦେବା ପାଇଁ ପରାମର୍ଶ ଦେଇଥିଲେ। କୋଭିଡ୍ ସଂକ୍ରମଣ ରୋକିବାରେ ଠିକ୍ ଭାବରେ ମାସ୍କ ପିନ୍ଧିବାର ବିଶେଷ ଗୁରୁତ୍ୱ ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏହା ଉପରେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଗରିବ ଲୋକମାନେ ଯେପରି ସୁବିଧାରେ ମାସ୍କ ପାଇପାରିବେ, ସେଥିପାଇଁ ବିଧାୟକ ପାଣ୍ଠିରୁ ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଧାୟକମାନେ ଖର୍ଚ୍ଚ କରି ମିଶନ ଶକ୍ତି ଗ୍ରୁପରୁ ସଂଗ୍ରହ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଲକ୍‌ଡାଉନର ସୁଫଳକୁ ଅନୁଭବ କରି ଆଉ ଦୁଇ ସପ୍ତାହ ପାଇଁ ଏହାର ଅବଧିକୁ ବଢ଼ାଯାଇଛି ଏବଂ ଏହାକୁ କଡାକଡି ଭାବରେ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨୪ ତାରିଖରୁ ଘରକୁ ଘର ସର୍ଭେ ଆରମ୍ଭ କରାଯିବ। ଏଥିପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ଗାଇଡଲାଇନ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳମାନେ ହେଲ୍ପ ଡେସ୍କ ଗୁଡିକୁ ଉତ୍ତମ ରୂପେ ତଦାରଖ କରୁଛନ୍ତି ଏବଂ ଅକ୍ସିଜେନ ଲଜିଷ୍ଟିକ ବ୍ୟବସ୍ଥାର ୨୪ ଘଣ୍ଟିଆ ତଦାରଖ କରାଯାଉଛି ବୋଲି ସେ କହିଥିଲେ। ରାଜ୍ୟର କୋଭିଡ ପରିସ୍ଥିତି ଉପରେ ଉପସ୍ଥାପନା ରଖି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପିକେ ମହାପାତ୍ର କହିଥିଲେ ଯେ, ସାରା ଦେଶରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ କମିବାରେ ଲାଗିଛି। ଭାରତରେ ମଇ ୮ ତାରିଖଷରେ ଏହା ସର୍ବାଧିକ (ପିକ୍) ୪,୧୪,୧୮୮ ହୋଇଥିଲା। ଆଜି ଏହା ୨,୬୩,୦୨୧ ଅଛି। ସେହିପରି ଓଡ଼ିଶାରେ ମଧ୍ୟ ସଂକ୍ରମଣ କମିବାରେ ଲାଗିଛି। ଓଡ଼ିଶାରେ ସଂକ୍ରମଣ ମଇ ୧୩ ତାରିଖରେ ସର୍ବାଧିକ ହୋଇଥିଲା ଏବଂ ତା' ପରଠାରୁ ଏହା କମିବାରେ ଲାଗିଛି ବୋଲି ସେ କହିଥିଲେ। ଆମର ପଜିଟିଭ୍ ରେଟ୍ ଗତ ସପ୍ତାହରେ ୨୧% ଥିବା ବେଳେ ଏହା ଏବେ ୧୮%କୁ କମିଛି। ଟେଷ୍ଟ ସଂଖ୍ୟା ବୃଦ୍ଧି ପାଇବା ସତ୍ତ୍ୱେ, ପଜିଟିଭ୍ କମିବା ଏକ ଭଲ ସୂଚନା ବୋଲି ସେ କହିଥିଲେ। ଆଗାମୀ ସପ୍ତାହ ମଧ୍ୟରେ ଟେଷ୍ଟ ସଂଖ୍ୟା ୭୦ ହଜାରକୁ ବୃଦ୍ଧି କରାଯିବ ବୋଲି ସେ କହିତ୍ଲେ। ଆମର ମୃତ୍ୟୁହାର ୦.୪୦ରୁ କମି ୦.୩୭ ହୋଇଛି। ଗତ ୧୫ଦିନର ମୃତ୍ୟୁହାରକୁ ଲକ୍ଷ୍ୟ କଲେ ଏହା ୦.୧୬ ଅଛି, ଯାହାକି ସାରା ଭାରତରେ ସର୍ବନିମ୍ନ ବୋଲି ସେ କହିଥିଲେ। ରାଜ୍ୟରେ ଆଇସିୟୁ ବେଡ୍‌ର ସଂଖ୍ୟା ବୃଦ୍ଧି କରାଯାଇଛି ଏବଂ ଖୁବ୍‌ଶୀଘ୍ର ଆଉ ୩୬୮ଟି ଆଇସିୟୁ ବେଡ୍‌ର ବ୍ୟବସ୍ଥା କରାଯିବ। ରାଜ୍ୟରେ ଆଉ ପ୍ଲାଜମାଥେରାପି କରାଯିବ ନାହିଁ ବୋଲି ସେ କହିଥିଲେ। ବୈଠକରେ ଝାରସୁଗୁଡା ଓ ସୁନ୍ଦରଗଡ ଜିଲ୍ଲାର ଅବଜରଭେର ନିକୁଞ୍ଜ ବିହାରି ଧଳ, କଳାହାଣ୍ଡି-ନୂଆପଡାର ଅବଜରଭର ସତ୍ୟବ୍ରତ ସାହୁ, ଅନୁଗୁଳ-ଢେଙ୍କାନାଳର ଅବଜରଭର ବିଷ୍ଣୁପଦ ସେଠୀ, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜର ଜିଲ୍ଲାପାଳ, କଟକ ଓ ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ମାନେ ସେମାନଙ୍କ ଜିଲ୍ଲାରେ କୋଭିଡ୍ ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ସଞ୍ଚାଳନା କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୪ - ୩୦ ମଇ, ୨୦୨୧


# କରୋନା, କାରୁଣ୍ୟ ଓ ଜୀବନ



ସମ୍ପାଦକୀୟ

ତାରକ ମହାନ୍ତି

ମହାମାରୀର ଆତଙ୍କ କାଳରେ ଜୀବନ ପ୍ରତି କେତେ ମୋହ ବୋଲି ଯାହାକୁ ବି ପଚାରିଲେ, ସବୁଠି ଆଶଙ୍କା ଓ ଭୟର ବାତାବରଣ ଦେଖାଦେଉଛି। ଦିନେ ଯେଉଁ ମଣିଷ ଖୋଲା ହାୱାର ଟିକେ ବୁଲି ଆସିଲା ପରେ ମନରେ ଫୁର୍ତ୍ତି ପ୍ରକଟ କରୁଥିଲା, ତାହା ଏବେ ଅସମ୍ଭବ ମନେହେଲାଣି। ଏହାର କାରଣ, ଏବେ ପବନରେ ଘୁରିବୁଲୁଚି କରୋନା ଭୂତାଣୁ। ତେବେ ଚିନ୍ତାକରନ୍ତୁ, ଯେଉଁ ବାୟୁ ଆମ ଜୀବନ ପାଇଁ ସଂଜୀବନି ତାହା ଯଦି ବିଷାକ୍ତ ହୁଏ ମଣିଷ ବଞ୍ଚିବ କିପରି! ବର୍ତ୍ତମାନ ପରିପ୍ରେକ୍ଷୀରେ ଜୀବନ ବଞ୍ଚାଇବା ହିଁ ମଣିଷର ଏକମାତ୍ର ଉଦ୍ଦେଶ୍ୟ ହୋଇପଡିଛି। କାରଣ ସାରା ବିଶ୍ୱରେ କରୋନା ସଂକ୍ରମଣ, ଏଥିଜନିତ ମୃତ୍ୟୁହାର ଅତ୍ୟନ୍ତ ଚିନ୍ତାଜନକ। ବାରମ୍ବାର ରୂପ ପରିବର୍ତ୍ତନ କରୁଥିବା ଏହି ଭୂତାଣୁ ନିକଟରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବାର ତାରିଖ ଏଯାଏ ବିଶ୍ୱର କୌଣସି ବିଶେଷଜ୍ଞମାନେ ସଠିକ ଘୋଷଣା କରିନଥିଲା ବେଳେ ଏବେ ଟ୍ରେସିଂ, ଟେଷ୍ଟିଂ, ଟ୍ରିଟମେଣ୍ଟ ଉପରେ ଅଧିକ ଧ୍ୟାନ ଦିଆଯାଉଛି। ଏଥିସହିତ ବିଭିନ୍ନ ରାଷ୍ଟ୍ର ସମେତ ଭାରତରେ ପର୍ଯ୍ୟାୟ କ୍ରମେ ଟିକାକରଣ ଚାଲିଛି। ଅନ୍ୟପକ୍ଷରେ କରୋନାରୁ ଅଧିକାଂଶ ବ୍ୟକ୍ତି ସୁସ୍ଥ ହେଉଥିଲା ବେଳେ ଦେଶର ଅନେକ ରାଜ୍ୟରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇଚାଲିଛି। ଯାହାକି ସବୁଠୁ ଅଧିକ ଚିନ୍ତାର କାରଣ। ତଥାପି ଭାରତରେ ସଂକ୍ରମଣର ଦ୍ୱିତୀୟ ଲହର ତଳମୁହାଁ ହେଉଥିବା ସୂଚନା ମଣିଷକୁ ଯେତିକି ଆଶ୍ୱସ୍ତ କରୁଛି, ଆଗାମୀ ଦିନ ପାଇଁ ସେତିକି ଭୟର ସୂଚନା ମଧ୍ୟ ଦେଉଛି। ଆମମାନଙ୍କ ଜୀବନ କେବେ ସ୍ୱାଭାବିକ ହେବ ଏହାର ସଫଳ ଆକଳନ କରାଯାଇନଥିବା ବେଳେ ଜୁଲାଇ ବେଳକୁ ଏହା ଥମିଯିବାର ଗଣନା କରାଯାଉଛି। କିନ୍ତୁ ଏହାର ୬ ମାସ ପରେ କରୋନାର ତୃତୀୟ ଲହର ଭାରତ ଆସିବା ନେଇ ଆଶଙ୍କା ଦେଖାଦେଲାଣି। ପ୍ରଥମତଃ ଆମ ରାଷ୍ଟ୍ରରେ ବିକଶିତ ଦେଶ ମାନଙ୍କ ଭଳି ଉନ୍ନତ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ନାହିଁ, ଏଥିସହ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ କାରଣରୁ ଆମର ଚିନ୍ତା ବଢ଼ିବା ସ୍ୱାଭାବିକ। ବର୍ତ୍ତମାନ ଓଡ଼ିଶାରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ସଂକ୍ରମଣ ବୃଦ୍ଧିପାଇବା ଅନ୍ୟତମ ଚିନ୍ତାର କାରଣ। ଯେହେତୁ ସହରରେ ବସବାସ କରୁଥିବା ଅନେକ କରୋନା ସଂକ୍ରମିତ ଶଯ୍ୟା, ଚିକିତ୍ସା ଓ ଅମ୍ଳଜାନ ଅଭାବରୁ ମୃତ୍ୟୁବରଣ କରିଥିବା ନେଇ ପ୍ରତ୍ୟେହ ଖବରମାନ ସାମ୍ନାକୁ ଆସୁଛି। ଏଭଳି ସ୍ଥିତିରେ ରାଜ୍ୟର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଯେଉଁ ଭିତ୍ତିଭୂମି ରହିଚି, ତାହା ଉଣା ଅଧିକ ସମସ୍ତେ ଜାଣନ୍ତି। ଏଭଳି ସମୟରେ ଦେଶରେ ଥମୁଛି ମହାମାରୀ। ଜାତୀୟ ସ୍ତରରେ ସାପ୍ତାହିକ ହାରାହାରି ନୂତନ ସଂକ୍ରମିତଙ୍କ ସଂଖ୍ୟା ଯଥେଷ୍ଟ କମିଆସିଛି। ସବୁଠୁ ବଡ ରାଜ୍ୟ ଉତ୍ତରପ୍ରଦେଶରେ ମଧ୍ୟ ସଂକ୍ରମଣ କମିବା ଦେଶ ପାଇଁ ଆଶ୍ୱସ୍ତିର କାରଣ। ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ମଧ୍ୟ ସଂକ୍ରମଣ ହ୍ରାସ ପାଉଛି। ସେହିଭଳି ଅନେକ ରାଜ୍ୟରେ ମଧ୍ୟ ପଜିଟିଭ ହାର ମଧ୍ୟ କମିଆସିଛି। ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ହୁ'ର ବିଶେଷଜ୍ଞଙ୍କ କହିବା ଅନୁସାରେ ଆର-ମୂଲ୍ୟ ୧ ତଳକୁ ରହିଲେ ସଂକ୍ରମଣ ଧିମେଇ ଯାଉଥିବାର କୁହାଯିବ। ଅନେକ ରାଜ୍ୟରେ ଏବେ ଲକ୍‌ଡାଉନ୍, ସଟ୍‌ଡାଉନ୍ ଜାରି ରହିଥିବାରୁ ସଂକ୍ରମଣରେ ଏପରି ଲଗାମ ଲାଗିଛି ବୋଲି କୁହାଯାଇପାରିବ। ଯଦିଓ ଦେଶରେ ଟିକାକରଣ ପ୍ରାରମ୍ଭିକ ଅବସ୍ଥାରେ ରହିଥିବା ଭଳି ମନେହେଉଛି, ତେବେ ସଂକ୍ରମଣ ରୋକିବାରେ ଏହାର ମଧ୍ୟ କିଛି ପ୍ରଭାବ ରହିଛି। ତେବେ ସଂକ୍ରମଣ କମିଗଲା ଭାବି ଆମେ ଶାନ୍ତିରେ ରହିବା ଅନୁଚିତ। କାରଣ ଉପଯୁକ୍ତ ସୁରକ୍ଷା ନିୟମ ପାଳନ ନକଲେ ଏହି ମହାମାରୀ ଭୂତାଣୁ ପୁନଶ୍ଚ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ।

ସୁରକ୍ଷା ପ୍ରାବଧାନଗୁଡିକୁ ଆଦୌ ଖିଲାପ କରିବା ପୁଣି ମହଙ୍ଗା ସାବ୍ୟସ୍ତ ହୋଇପାରେ। ଏନେଇ ବିଶେଷଜ୍ଞ ମାନେ ଆଗରୁ ଚେତେଇ ଦେଇଛନ୍ତି। ତେଣୁ ମହାମାରୀ କରୋନା ମୁକାବିଲା କ୍ଷେତ୍ରରେ ଆମକୁ ସତର୍କ ରହିବାକୁ ପଡିବ। ଅନ୍ୟପଟେ ରାଜ୍ୟରେ ଜଟିଳ ସ୍ଥିତି ସୃଷ୍ଟିକଲାଣି ମ୍ୟୁକରମାଇକୋସିସ। ଏହି ରୋଗର ଚିକିତ୍ସା ପାଇଁ ଔଷଧ ସଙ୍କଟ ଥିଲା ବେଳେ ଏଥିରେ ପୀଡିତ ରୋଗୀ ଦୃଷ୍ଟିଶକ୍ତି ହରାଉଥିବା ନେଇ ସୂଚନା ମିଳିଛି। ଏହା ମଧ୍ୟ ଘାତକ ହୋଇପାରେ ବୋଲି ଡାକ୍ତରମାନେ ସତର୍କ କରାଇଦେଲେଣି। ଦେଶରେ ଗତ ସପ୍ତାହକ ମଧ୍ୟରେ ବ୍ଲାକ ଫଙ୍ଗସ୍ ବା ମ୍ୟୁର୍କୋମାଇକୋସିସରେ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏପରିକି ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଜଣଙ୍କର ଜୀବନ ଯାଇଥିବା ସୂଚନା ରହିଛି। ସେମାନଙ୍କ ଭିତରୁ କେବଳ ମହାରାଷ୍ଟ୍ରରେ ହିଁ ସର୍ବାଧିକ ରହିଛନ୍ତି। ତାହା ପଛକୁ ହରିଆଣା ଓ ଉତ୍ତରପ୍ରଦେଶ ରହିଛି। ଅପରପକ୍ଷେ, ଅନେକ ରାଜ୍ୟରେ ଏହି ଘାତକ ରୋଗର ଉପଶମ ପାଇଁ ବ୍ୟବହୃତ ଲିକୋସୋମାମଲ ଆମ୍ଫୋଟେରିସିନ୍ ବି ନାମକ ଭୂତାଣୁ ବିରୋଧୀ ଔଷଧର ଉତ୍କଟ ଅଭାବ ରହିଥିବା ଚିନ୍ତାର କାରଣ ହୋଇଛି। ସମ୍ପ୍ରତି କୋଭିଡ୍ ପୀଡିତଙ୍କ ଠାରେ ଏହି ମ୍ୟୁର୍କୋମାଇକୋସିସ ଲକ୍ଷଣ ବେଶୀ ବେଶୀ ଦେଖାଯାଉଥିବାରୁ ଏହାର ପ୍ରତିକାର କରିନପାରିବା ଆଶଙ୍କାରେ ବିଭିନ୍ନ ରାଜ୍ୟ ସରକାର ବିବ୍ରତ ହୋଇପଡିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ମାନଙ୍କ ପାଇଁ ପରାମର୍ଶାବଳୀ ଜାରି ହୋଇଛି। ହସ୍ପିଟାଲ ଗୁଡିକରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ କମିଟି ଗଠନ ସହିତ ମେଡିକାଲ ଅଫିସର ନିଯୁକ୍ତି ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହି ନୂତନ ମହାମାରୀ ଯୋଗୁଁ ବିଭିନ୍ନ ରାଜ୍ୟରେ ଯଦିଓ ମୃତ୍ୟୁସଂଖ୍ୟା ଅଧିକ ନୁହେଁ ତେବେ ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଗୁଜୁରାଟ ସରକାର ଏହାକୁ ମହାମାରୀ ଭାବେ ଘୋଷଣା କରିଛନ୍ତି। ସେହିପରି ପଞ୍ଜାବ, ହରିଆଣା, କର୍ଣ୍ଣାଟକ, ତାମିଲନାଡୁ ଓ ତେଲେଙ୍ଗାନା ଆଦି ରାଜ୍ୟ ମଧ୍ୟ ପୂର୍ବରୁ ବ୍ଲାକ ଫଙ୍ଗସ୍‌କୁ ମହାମାରୀ ଆଇନରେ ଅଧିସୂଚୀତ କରିଛନ୍ତି। ଅତି କମରେ ଦେଶର ୧୦ଟି ରାଜ୍ୟରେ ଏହାର ମୁକାବିଲା ପାଇଁ ସମ୍ପୃକ୍ତ ଭୂତାଣୁ ବିରୋଧୀ ଔଷଧ ନାହିଁ ଅଥବା ସରିଗଲାଣି। ସର୍ବାଧିକ ଦେଢ଼ଶହ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ମହାରାଷ୍ଟ୍ରରେ ମାତ୍ର ୧୦%ଙ୍କ ପାଇଁ ଏହି ଔଷଧ ଉପଲବ୍ଧ ଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜଣାଯାଇଛି। ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ରାଜ୍ୟମାନେ କୌଣସି ମତେ ପ୍ରଚୁର ପରିମାଣର ଔଷଧ ମହଜୁଦ ନ ରଖିଲେ ଭବିଷ୍ୟତରେ ଭୟଙ୍କର ବିପଦର କାରଣ ହୋଇପାରେ ବ୍ଲାକ ଫଙ୍ଗସ୍। ମହାମାରୀ କରୋନାର ଭୟାବହତା ଭିତରେ ଆସନ୍ତା ୪ମାସ ଭିତରେ ରାଜ୍ୟର ୧୮ ରୁ ୪୪ ବର୍ଷ ଭିତରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ଟିକାକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଓଡ଼ିଶା ସରକାର କହିଛନ୍ତି। ଏନେଇ ରାଜ୍ୟ ସରକାର ଆହ୍ୱାନ କରିଥିବା ବିଶ୍ୱସ୍ତରୀୟ ଟେଣ୍ଡର ସର୍ତ୍ତାବଳୀରେ ଆବଶ୍ୟକ ସଂଶୋଧନ କରି ଓଡ଼ିଶା ସରକାର ଏହାକୁ କୋହଳ କରିଛନ୍ତି। ଯାହାଫଳରେ ବିଶ୍ୱସ୍ତରୀୟ ଟିକା କମ୍ପାନୀ ଆମ ରାଜ୍ୟକୁ ସହଜରେ କୋଭିଡ୍ ଟିକା ଯୋଗାଇ ପାରିବେ। ଏହା ନିଶ୍ଚିତ ଆମ ପାଇଁ ଏକ ଆଶ୍ୱସ୍ତିଜନକ ଖବର। ତେବେ ମୋଟାମୋଟି ଦେଖିଲେ ଦେଶରେ କୋଭିଡ୍ ସଂକ୍ରମଣ ହାର କମୁଥିଲା ବେଳେ ଆମ ରାଜ୍ୟରେ ଏହା ଏଯାବତ କମିପାରିନାହିଁ। ଦୈନିକ ରେକର୍ଡ ସଂଖ୍ୟକ କରୋନା ସଂକ୍ରମିତଙ୍କ ଯୋଗୁ ଚିନ୍ତା ବଢ଼ିଚାଲିଛି। ତେବେ ଏଥିରୁ ମୁକ୍ତି ପାଇବା ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜର ସୁରକ୍ଷା ନିଜେ କରିବା ସହିତ କରୋନା ନିୟମ ମାନିଲେ ଆଗକୁ ସୁଫଳ ମିଳିବ।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ

ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା

ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# କରୋନା ମହାମାରୀ, ଘରେ ଅମ୍ଳଜାନ ଚିକିତ୍ସା ଓ ବ୍ଲାକ ଫଙ୍ଗସ୍‌ର ବିଭୀଷିକା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

କରୋନାର ଦ୍ୱିତୀୟ ଲହର ଏବେ ଦେଶବ୍ୟାପୀ ଆତଙ୍କ ସୃଷ୍ଟି କରିଛି। ଏପରି ଏକ ସମ୍ଭାବନା ଭିତରେ କୋଭିଡ ମହାମାରୀ ମୁକାବିଲା ଲାଗି ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ୩୩ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁରୀ କରିଛନ୍ତି। ସେହିପରି ରାଜ୍ୟର ଚାରି ମହାନଗର ନିଗମ କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ୧୮-୪୪ ବର୍ଷ ଲୋକଙ୍କୁ ଟିକା ଦିଆଯିବାର ଯୋଜନା ହୋଇଛି। କେତେକ ରାଜ୍ୟରେ କୋଭିଡ଼ରୁ ସୁସ୍ଥ ହେଉଥିବା ଲୋକ ବ୍ଲାକ ଫଙ୍ଗସ ବା ମ୍ୟୁକୋର୍ମାଇକୋସିସ୍ ନାମକ ଏକ ପ୍ରକାର ବିରଳ ଫିମ୍ପିଗତ ସଂକ୍ରମଣ ଦେଖାଦେଲାଣି। ଯାହାକି ଦୃଷ୍ଟିଶକ୍ତି ନଷ୍ଟ କରିବା ସହ ପୀଡ଼ିତଙ୍କର ଅନ୍ୟାନ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରୁଛି। ଏହିପରି ଏକ ସମୟରେ ଭାରତରେ ସଂପ୍ରତି ଦେଖାଦେଇଥିବା ଏକ ସ୍ୱତନ୍ତ୍ର ପ୍ରଜାତିର ରୂପାନ୍ତରିତ କରୋନା ଭୂତାଣୁ ହିଁ ଦେଶରେ ଏପରି ଦ୍ୱିତୀୟ ଲହର ସଂକ୍ରମଣକୁ ବିଭୀଷିକାମୟ କରିଦେଇଛି ଯାହାପାଇଁ ଦ୍ୱୈତ ରୂପାନ୍ତରିତ କରୋନା ଭୂତାଣୁ ପ୍ରବଳ ମାତ୍ରାରେ ସଂକ୍ରମଣକ୍ଷମ ହେବା ସହ ଏହାର କ୍ଷୀପ୍ରତା ଯୋଗୁଁ ଭାରତରେ ସଂକ୍ରମଣ ବ୍ୟାପକ ହୋଇଛି ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ବୈଜ୍ଞାନିକ ସୌମ୍ୟା ସ୍ୱାମୀନାଥନ୍ କହିଛନ୍ତି। କେଉଁଠି ଚିକିତ୍ସା ପାଇଁ ଶଯ୍ୟା ମିଳୁନାହିଁ ତ ଆଉ କେଉଁଠି ଶଯ୍ୟା ମିଳିଲେ ଅମ୍ଳଜାନ ମିଳୁନି। ଅମ୍ଳଜାନ ଅଭାବରୁ ପ୍ରତିଦିନ ଅନେକ ସଂକ୍ରମିତଙ୍କ ଜୀବନ ଚାଲି ଯାଉଛି। ତେବେ ଅନେକ ସଂକ୍ରମିତ ଘରେ ରହି ମଧ୍ୟ ଚିକିତ୍ସିତ ହେଉଛନ୍ତି। ଘରେ ରହିବା ସମୟରେ ଯଦି କୌଣସି ବ୍ୟକ୍ତିଙ୍କ ନିଶ୍ୱସପ୍ରଶ୍ୱାସ ନେବାରେ କୌଣସି ସମସ୍ୟା ହୁଏ, ତାହାର ସମାଧାନ ପାଇଁ ବିଶେଷଜ୍ଞମାନେ କେତେକ ଟିପ୍ସ ଦେଇଛନ୍ତି। ଜଣେ ସଂକ୍ରମିତଙ୍କୁ ମୁହଁ ମାଡ଼ି ତଳେ ଶୁଆଇବା ଦ୍ୱାରା ନିଶ୍ୱାସ ପ୍ରଶ୍ୱାସରେ ଉନ୍ନତି ଆସିବା ସହିତ ଶରୀରକୁ ଅମ୍ଳଜାନ ମିଳି ପାରିଥାଏ। ଏହି ପ୍ରକ୍ରିୟାକୁ ପ୍ରୋନିଂ କୁହାଯାଏ। କୋଭିଡ଼ ରୋଗୀଙ୍କ କ୍ଷେତ୍ରରେ ଏହା ବେଶ ଫଳପ୍ରଦ ହେଉଥିବା ବିଶେଷଜ୍ଞମାନେ କହୁଛନ୍ତି। ଜଣେ ବ୍ୟକ୍ତି ନିଜେ ଚାହିଁଲେ ପ୍ରୋନିଂ କରିପାରିବେ। ଏଥିପାଇଁ ୪-୫ଟି ତକିଆର ଆବଶ୍ୟକତା ରହିଛି। ପ୍ରୋନିଂ ପାଇଁ ପେଟ ମାଡ଼ି ଶୋଇବା, ବାମ କଡ ଶୋଇବା, ଡାହାଣ କଡ଼ ଶୋଇବା ଓ ପୁଣି ଥରେ ପେଟ ମାଡ଼ି ଶୋଇବାକୁ ହୋଇଥାଏ। ଏହିସବୁ ପୋଜିସନ୍ ଅଧଘଣ୍ଟାରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ କରିପାରିବେ। ହେଲେ ସର୍ବାଧିକ ୩୦ ମିନିଟ ପର୍ଯ୍ୟନ୍ତ ଏଭଳି ପୋଜିସନ୍‌ରେ ରହିଲେ ସୁଫଳ ମିଳିଥାଏ। ଖାଇବା ପରେ ଘଣ୍ଟାଏ ପର୍ଯ୍ୟନ୍ତ ପ୍ରୋନିଂ କରିବା ଉଚିତ ନୁହେଁ। ଏପରିକି ଯେତିକି ସମୟ ପର୍ଯ୍ୟନ୍ତ ଶରୀର କଷ୍ଟ ସମ୍ଭାଳି ପାରୁଛି, ସେତିକି ସମୟ ପର୍ଯ୍ୟନ୍ତ ଏହାକୁ କରିବା ଭଲ। ଜଣେ ଚାହିଁଲେ ଭିନ୍ନ ଭିନ୍ନ ସମୟରେ ପ୍ରୋନିଂ କରିବା ସହିତ ଏହାକୁ ସର୍ବାଧିକ ୧୬ ଘଣ୍ଟା ପର୍ଯ୍ୟନ୍ତ କରିପାରିବାରେ କୌଣସି ସମସ୍ୟା ନାହିଁ। ହେଲେ ଏ ସମୟରେ ଶରୀରରେ ଥିବା କୌଣସି କ୍ଷତ ଉପରେ ନଜର ରଖିବାକୁ ହେବ। ଗର୍ଭବତୀ ମହିଳା ୪୮ ଘଣ୍ଟା ଭିତରେ ଚିକିତ୍ସିତ ହେଇଥିବା ଡିପ୍ ଭେନସ ଥ୍ରମ୍ବୋସିସ୍ ବା ରକ୍ତ ଜମାଟ ବାନ୍ଧିଥିବା ରୋଗୀ, ଜଟିଳ ହୃଦ୍‌ରୋଗ, ମେରୁଦଣ୍ଡ, ଜଙ୍ଘର ହାଡ଼ କିମ୍ବା ପେଲଭିକ ଫ୍ରାକ୍ଚର ଥିବା ବ୍ୟକ୍ତି ପ୍ରୋନିଂ ମନା। ପ୍ରୋନିଂର ଫାଇଦା ତଳକୁ ମୁହଁ ମାଡ଼ି ଶୋଇବା ବା ପ୍ରୋନିଂ ଦ୍ୱାରା ନିଶ୍ୱାସ ପ୍ରଶ୍ୱାସରେ ସୁବିଧା ହୋଇଥାଏ। ଶରୀରରେ ଅମ୍ଳଜାନ ସ୍ତର ବା ଏସ୍‌ପିଓ୨ ୯୪ରୁ ହ୍ରାସ ପାଇବା ଓ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଲେ ପ୍ରୋନିଂର ଆବଶ୍ୟକ ପଡ଼ିଥାଏ। ଘରେ ରହି ଚିକିତ୍ସିତ ହେଉଥିବା ରୋଗୀ କେବଳ ଅମ୍ଳଜାନ ସ୍ତରର ନିରୀକ୍ଷଣ ନକରି ଶରୀରର ତାପମାତ୍ରା, ରକ୍ତଚାପ, ରକ୍ତ ସର୍କରା ଇତ୍ୟାଦିର ମଧ୍ୟ ନିରୀକ୍ଷଣ କରିବା ଜରୁରୀ। ରକ୍ତରେ ଅମ୍ଳଜାନର ଅଭାବ ଯୋଗୁଁ ହାଇପୋକ୍ସିଆ ହୋଇଥାଏ, ଯାହାକି ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ଜଟିଳ କରିଥାଏ। ମହାମାରୀ କରୋନା ଯୋଗୁଁ ଭାରତରେ ବିପର୍ଯ୍ୟୟ ସ୍ଥିତି ସୃଷ୍ଟି ହୋଇଛି। ଦୈନିକ ହଜାର ହଜାର ଲୋକ ଅମ୍ଳଜାନ ଅଭାବ ଯୋଗୁଁ ଆଖି ବୁଜୁଛନ୍ତି। ଡାକ୍ତରଖାନାରେ ଶଯ୍ୟା ଅଭାବ କାରଣରୁ ଗୁରୁତର ରୋଗୀ ମଧ୍ୟ ଘରେ ଚିକିତ୍ସିତ ହେବାକୁ ବାଧ ହେଉଛନ୍ତି। କରୋନାର ଦ୍ୱିତୀୟ ଲହର ରୋଗୀର ଫୁସ୍‌ଫୁସ ଉପରେ ସିଧା ପ୍ରଭାବ ପକାଉଛି। ଫଳରେ ରୋଗୀର ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହେଉଛି। ଏଭଳି ପରିସ୍ଥିତିରେ ଅନେକ କରୋନା ରୋଗୀ କୌଣସି ପ୍ରକାରେ ଅମ୍ଳଜାନ ସିଲିଣ୍ଡର ସାହାଯ୍ୟରେ ନିଜ ଘରେ ନିଶ୍ୱାସ ନେବାକୁ ବାଧ ହେଉଛନ୍ତି।

ଅମ୍ଳଜାନର ଆବଶ୍ୟକତା କ'ଣ ଆସନ୍ତୁ ସର୍ବପ୍ରଥମେ ଜାଣିବା : କରୋନା ରୋଗୀର ଶ୍ୱାସକ୍ରିୟା ଏକ ମିନିଟରେ ୨୪ଥରରୁ ଅଧିକ ଏବଂ ଅକ୍ସିମିଟରରେ ଅମ୍ଳଜାନ ସ୍ତର ୯୪ରୁ କମ୍ ହେଲେ ଅମ୍ଳଜାନର ଆବଶ୍ୟକତା ପଡ଼ିଥାଏ। ରୋଗୀକୁ ଅମ୍ଳଜାନ ଦେବା ପୂର୍ବରୁ ଡାକ୍ତରୀ ପରୀକ୍ଷା କରାଯିବା ଆବଶ୍ୟକ, ଯାହାଦ୍ୱାରା ଅମ୍ଳଜାନ ସ୍ତରର ସଠିକ ଆକଳନ କରାଯାଇପାରିବ। ସେହିପରି ଘରେ ରୋଗୀକୁ ଅମ୍ଳଜାନ ଦେବା କେତେ ସୁରକ୍ଷିତ? : କରୋନାର ଦ୍ୱିତୀୟ ଲହରରେ ଫୁସ୍‌ଫୁସ ସଂକ୍ରମଣ ବୃଦ୍ଧି ପାଉଛି। ଯେତେବେଳେ ଡାକ୍ତରଖାନାରେ ରୋଗୀଙ୍କୁ ଶଯ୍ୟା ମିଳୁନି ସେମାନେ ଘରେ ରହି ଚିକିତ୍ସିତ ହେବାକୁ ବାଧ ହେଉଛନ୍ତି। ଏଭଳି କ୍ଷେତ୍ରରେ ଯଦି ଅମ୍ଳଜାନ ସ୍ତର କମି ଯାଉଛି ତେବେ ରୋଗୀଙ୍କୁ ତୁରନ୍ତ ଅମ୍ଳଜାନ ଦେବା ଆବଶ୍ୟକ। ଘରେ ଅମ୍ଳଜାନ ଦେବା ସୁରକ୍ଷିତ କିନ୍ତୁ ଏହା ପୂର୍ବରୁ ଜଣେ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରାଯିବା ଜରୁରୀ। ସର୍ତକତା : ଅମ୍ଳଜାନ ମଧ୍ୟ ଏକ ଔଷଧ ବୋଲି ମନେ ରଖିବାକୁ ହେବ। ପୂର୍ବରୁ ଫୁସ୍‌ଫୁସ୍ ରୋଗରେ ପୀଡ଼ିତ ରୋଗୀଙ୍କୁ ଘରେ ଅମ୍ଳଜାନ ନେବାକୁ ପରାମର୍ଶ ଦିଆଯାଇଥାଏ। ଏହିପରି ଲୋକମାନେ ଦୀର୍ଘ ସମୟ ଧରି ଅମ୍ଳଜାନ ଗ୍ରହଣ କରୁଥିଲେ କିନ୍ତୁ କରୋନାରେ ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କରୋନା ସଂକ୍ରମିତ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ଖୁବ ଶୀଘ୍ର ବଦଳିଯାଏ। ରୋଗୀର ଅବସ୍ଥା ଅତି ଶୀଘ୍ର ଖରାପ ହୋଇପାରେ। ଏପରି ସ୍ଥିତିରେ ଆମେ ଘରେ ଅମ୍ଳଜାନ ଦେବା ଉଚିତ ନୁହେଁ। ଆମକୁ ମନେ ରଖିବାକୁ ହେବ ଯେ ଯଦି କରୋନା ରୋଗୀର ଅମ୍ଳଜାନ ସ୍ତର ହ୍ରାସ ପାଉଛି ତେବେ ରୋଗୀର ଯତ୍ନ କେବଳ ଡାକ୍ତରଖାନାରେ ନିଆ ଯାଇପାରିବ। ଅନେକ କରୋନା ରୋଗୀ ସୁସ୍ଥ ହେବା ପରେ ମଧ୍ୟ ଅନେକ ଦିନ ପର୍ଯ୍ୟନ୍ତ ଅମ୍ଳଜାନ ଆବଶ୍ୟକତା କରିପାରନ୍ତି। ଅଧିକାଂଶ କ୍ଷେତ୍ରରେ ଦୁଇରୁ ଚାରି ସପ୍ତାହ ପର୍ଯ୍ୟନ୍ତ ଘରେ ଅମ୍ଳଜାନ ଦେବା ଆବଶ୍ୟକ। ଯଦି ଘରେ ଅମ୍ଳଜାନ ଦେବାର ପରିସ୍ଥିତି ସୃଷ୍ଟି ହେଉଛି ତେବେ ଡାକ୍ତରଙ୍କ ଠାରୁ ଅମ୍ଳଜାନ ଦେବା ବିଷୟରେ ସମ୍ପୂର୍ଣ୍ଣ ସୂଚନା ପାଇବା ପରେ ଏହାକୁ ବ୍ୟବହାର କରିବା ଉଚିତ। ଅମ୍ଳଜାନ ପ୍ରବାହ ଓ ନିୟନ୍ତ୍ରଣ କିପରି ତାହା ସବୁ ଜାଣିବା : ଅମ୍ଳଜାନ ସିଲିଣ୍ଡରରେ ୯୯ ପ୍ରତିଶତ ପର୍ଯ୍ୟନ୍ତ ଶୁଦ୍ଧ ଅମ୍ଳଜାନ ଥାଏ। ତେଣୁ ଡାକ୍ତରମାନେ ରୋଗୀର ଅବସ୍ଥା ଅନୁଯାୟୀ ପ୍ରତି ମିନିଟ୍ରେ କେତେ ପରିମାଣର ଅମ୍ଳଜାନ ଆବଶ୍ୟକ କରନ୍ତି ତାହା ସ୍ଥିର କରନ୍ତି। ଏହି ହାରକୁ ଅମ୍ଳଜାନର ପ୍ରବାହ କୁହାଯାଏ। ଏହା ପ୍ରତି ମିନିଟରେ ୧ଲିଟରରୁ ୧୫ ଲିଟର ପର୍ଯ୍ୟନ୍ତ ରହିଥାଏ। ରୋଗୀ କେବଳ ସିଲିଣ୍ଡରରୁ ଆସୁଥିବା ଅମ୍ଳଜାନରୁ ନୁହେଁ ବରଂ ଏହାର ଆଖପାଖ ପରିବେଶରୁ ଅମ୍ଳଜାନ ମଧ୍ୟ ଗ୍ରହଣ କରିଥାଏ। ଅମ୍ଳଜାନର କମ ପ୍ରବାହ ବ୍ୟତୀତ ଉଚ୍ଚ ପ୍ରବାହ ରୋଗୀ ପାଇଁ ବହୁତ କ୍ଷତି ମଧ୍ୟ କରିପାରେ। ତେଣୁ ଏସବୁ ବ୍ୟବହାର ପୂର୍ବରୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।


*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

*ଦୂରଭାଷ : ୯୪୩୭୦୫୧୯୫୭*


# ଅଧୁରା ରହିଲା ଦ୍ୱିତୀୟ କୋଣାର୍କ ସ୍ୱପ୍ନ



ନାଟ୍ୟସାରଥି ଅଭୟ କୁମାର ଦାସ

ଓଡ଼ିଶାର ପୃଥିବୀ ବିଖ୍ୟାତ ଦ୍ୱିତୀୟ କୋଣାର୍କ ନିର୍ମାଣ ସ୍ୱପ୍ନ ଦେଖିଥିବା ନିର୍ଜୀବ ପଥରର ମଣିଷ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ଯେ ନାହାଁନ୍ତି ଏହା ଏବେବି ବିଶ୍ୱାସ ଲାଗୁନି। ସାରା ବିଶ୍ୱରେ ଓଡ଼ିଶାର ସମ୍ମାନ ଓ ଟେକ ରଖିଥିବା ଏହି ସ୍ଥପତିଙ୍କ ପରଲୋକରେ ଏକ ବିଶାଳ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ତାଙ୍କୁ କୁହାଯାଏ ଆଧୁନିକ ଓଡ଼ିଶାର ଜଣେ ବିଶୁ ମହାରଣା। ଯାହାଙ୍କ ନିହାଣ ମୂନର ପ୍ରତିଟି ସ୍ପର୍ଶ ଅନେକ ପ୍ରସ୍ତରକୁ ଜୀବନ ଦେଉଥିଲା। କଳା, ଭାସ୍କର୍ଯ୍ୟର ସ୍ୱାକ୍ଷର କେବଳ ରାଜ୍ୟରେ ନୁହେଁ, ଦେଶ ବିଦେଶରେ ପ୍ରସ୍ଫୁଟିତ ହୋଇଥିଲା। ତାଙ୍କରି ଉଦ୍ୟମ, ନିଷ୍ଠା, ଓଡ଼ିଶାର କଳା, ଭାସ୍କର, ଐତିହ୍ୟ ଓ ପଥର ଶିଳ୍ପକୁ ସମଗ୍ର ବିଶ୍ୱ ଆଗରେ ଚିହ୍ନାଇବା ସହ ଅନେକ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ହାତର ନିହାଣ ମୁନରେ ପଥର ବି ଜୀବନ୍ତ ହୋଇଯାଏ। ଆଙ୍କି ହୋଇଯାଏ ନୂଆ ଇତିହାସ। ଉତ୍କଳର ଅତୀତକୁ ପୁନର୍ଜୀବିତ କରେ ତାଙ୍କର ଚମତ୍କାରୀ ସ୍ଥାପତ୍ୟ। ହେଲେ ଏବେ ସେ ନିହାଣ ନିରବି ଯାଇଛି। କାରଣ ନିହାଣ ଧରୁଥିବା ଶିଳ୍ପୀ ଚିରନିଦ୍ରାରେ ଶୋଇ ପଡ଼ିଛନ୍ତି। ହାତରୁ ତାଙ୍କର ଖସିଯାଇଛି ନିହାଣ।

ଅନେକ ହୁଏତ ଜାଣିନଥିବେ ଯେ ଏହି ବିଖ୍ୟାତ ସ୍ଥପତିଙ୍କ ଅଜା ଅପର୍ତ୍ତି ମହାପାତ୍ର ଥିଲେ ସ୍ୱର୍ଗତଃ ମହାପାତ୍ରଙ୍କ ଆଦ୍ୟଗୁରୁ। ଅଜାଙ୍କ କାରୁକାର୍ଯ୍ୟ ପ୍ରତି ଆକୃଷ୍ଟ ହୋଇ ସାତ ବର୍ଷ ବୟସରୁ ସେ ନିହଣ ଧରିବା ଶିଖିଥିଲେ। ଏପରିକି ସ୍ୱର୍ଗତ ମହାପାତ୍ର ଅଜାଙ୍କ ସହ ଅନେକ ସମୟରେ ମୂର୍ତ୍ତି ବିକି ଯାଇଛନ୍ତି। ପଥର କାରୁକାର୍ଯ୍ୟ ପ୍ରତି ଦୃଢ଼ ଇଚ୍ଛାଶକ୍ତି ସ୍ୱର୍ଗତ ମହାପାତ୍ରଙ୍କୁ ପଥୁରିଆ ସାହିରୁ ବିଶ୍ୱ ଦରବାରରେ ପହଞ୍ଚାଇ ପାରିଥିଲା। ଶ୍ରୀକ୍ଷେତ୍ରର ଐତିହ୍ୟ ବିକାଶରେ ସ୍ୱର୍ଗତ ମହାପାତ୍ରଙ୍କ ରହିଥିଲା ଅନେକ ଅବଦାନ। ୧୯୪୩ ମସିହା ମାର୍ଚ୍ଚ ୨୪ ତାରିଖରେ ସ୍ୱର୍ଗତ ମହାପାତ୍ର ପୁରୀ ପଥୁରିଆ ସାହିରେ ଜନ୍ମ ଗ୍ରହଣ କରିଥିଲେ। ସାହିର ବରିଷ୍ଠ ଲୋକଙ୍କ କହିବା ମୁତାବକ ପିଲାଟି ବେଲୁ ସଦାସର୍ବଦା ଅଜାଙ୍କ ସହ ବୁଲୁଥିଲେ। ସ୍ୱର୍ଗତ ମହାପାତ୍ର। ଅଜା ପଥର କାମ କରିବାବେଳେ ଏହାକୁ ନିରେଖି ଦେଖୁଥିଲେ। ୭/୮ ବର୍ଷ ବୟସରୁ ଅଜା କାମ କରୁଥିବା ସମୟରେ ନିହଣ ଧରି ଠୁକୁ ଠୁକୁ କରି ନିଜେ ବି ପଥର ହାଣୁଥିଲେ। ଅଜା ଅପର୍ତ୍ତି ମହାପାତ୍ରଙ୍କ ସହ ସ୍ୱର୍ଗତ ମହାପାତ୍ରଙ୍କ ଅନ୍ୟତମ ଗୁରୁ ଥିଲେ ଶିଳ୍ପୀ ବଂଶୀଧର ମହାନ୍ତି। ସ୍ୱର୍ଗତ ମହାପାତ୍ରଙ୍କ ଅଧିକାଂଶ ସମୟ ଅଜା ଘରେ ବିତୁଥିଲା। ଏହିଠାରେ ରହି ସେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ପରେ ପାଠ ପଢ଼ାରେ ଡୋରି ଲାଗିଥିଲା। କାରୁକାର୍ଯ୍ୟରେ ନିପୁଣ ହେବାପରେ ପରବର୍ତ୍ତୀ ସମୟରେ ସେ ରାଜ୍ୟ ହସ୍ତକଳା ପ୍ରଶିକ୍ଷଣ କେନ୍ଦ୍ରରେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ୧୯୫୯ ମସିହା ମାତ୍ର ୧୬ ବର୍ଷ ବୟସରୁ ସେ ଚାକିରୀ ଜୀବନ ଆରମ୍ଭ କରିଥିଲେ ପରେ ସେ ଭୁବନେଶ୍ୱର ଚାଲିଯାଇଥିଲେ।

ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ କାଳଜୟୀ କଳାକୃତି ଗୁଡ଼ିକ ହେଉଛି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ୧୮ଫୁଟ ଲମ୍ବ ଓ ୧୫ଫୁଟ ଉଚ୍ଚତାର କୋଣାର୍କ ଘୋଡ଼ା। କଟକ ବାରବାଟୀ ଷ୍ଟାଡିୟମରେ ୧୨ଫୁଟ ଉଚ୍ଚର କୋଣାର୍କ ଘୋଡ଼ା। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୬ଟି କୋଣାର୍କ ଚକ୍ର। ସେହିପରି ତାଙ୍କ ମାର୍ଗଦର୍ଶନରେ ଟିଟିଲାଗଡ଼ରେ ୭୦ଫୁଟ ଉଚ୍ଚତାର ତିନଟି ମନ୍ଦିର ତିଆରି ହୋଇପାରିଥିଲା ଆଉ ଗଞ୍ଜାମରେ ନୂତନ ତାରାତାରିଣୀ ମନ୍ଦିର ନିର୍ମାଣ ପଛରେ ଥିଲା ତାଙ୍କ ଅବଦାନ। ୨୦୦୪ ମସିହାରେ ସେ ତାରାତାରିଣୀ ମନ୍ଦିର ଉନ୍ନୟନ କମିଟି ସହ ଚୁକ୍ତିବଦ୍ଧ ହୋଇ ନୂଆ ମନ୍ଦିର ନିର୍ମାଣ କାମକୁ ତ୍ୱରାନ୍ୱିତ କରିଥିଲେ। ଏହାର ନିର୍ମାଣଶୈଳୀ ତିନି ଭାଗରେ ବିଭକ୍ତ ହୋଇଥିଲା। ମୁଖ୍ୟ ଶ୍ରୀ ମନ୍ଦିର ୬୫ ଫୁଟ, ଜଗମୋହନ ମନ୍ଦିର ୫୫ ଫୁଟ ଓ ନାଟ୍ୟ ମଣ୍ଡପ ୪୫ ଫୁଟ ଉଚ୍ଚରେ ନିର୍ମାଣ ହୋଇଥିଲା। ମୁକ୍ତେଶ୍ୱର ମନ୍ଦିର ଶୈଳୀରେ ନୂଆ ମନ୍ଦିରକୁ ନିର୍ମାଣ କରାଯାଇଥିବା ବେଳେ ଏଥିପାଇଁ ନୟାଗଡ଼ ଓ ପୁରୀର ୧୬୦ରୁ ଅଧିକ ପ୍ରସ୍ତର ଶିଳ୍ପୀ ନିୟୋଜିତ ହୋଇଥିଲେ। ସେହିପରି ଖୋର୍ଦ୍ଧାରେ ମିଳୁଥିବା ବଉଳମାଳା ପଥର ମନ୍ଦିର ନିର୍ମାଣ କାମରେ ବ୍ୟବହୃତ ହୋଇଥିଲା। ଏତଦ୍‌ବ୍ୟତୀତ ମନ୍ଦିରର ଚତୁଃପାର୍ଶ୍ୱରେ ଗଣେଶ, ଶିବ, ସୂର୍ଯ୍ୟ ଓ ବିଷ୍ଣୁ ପ୍ରମୁଖ ଦେବାଦେବୀଙ୍କ ମନ୍ଦିର ଓ ସୁଉଚ୍ଚ ପାଚେରି ନିର୍ମାଣ କରାଯାଇଥିଲା। ୨କୋଟି ୮୦ଲକ୍ଷ ଟଙ୍କା ଏଥିପାଇଁ ବ୍ୟୟ ଅଟକଳ ହୋଇଥିଲା। ୨୦୧୨-୧୩ ମସିହାରେ ମନ୍ଦିର ନିର୍ମାଣ କାମ ଶେଷ ହୋଇଥିଲା। ଏହି ପ୍ରସିଦ୍ଧ ସ୍ଥପତି ସଂସଦରେ ସ୍ଥାପିତ ୫ ଫୁଟ ଉଚ୍ଚତା ବିଶିଷ୍ଟ ସୂର୍ଯ୍ୟନାରାୟଣ ମୂର୍ତ୍ତିର ଥିଲେ ମୁଖ୍ୟଶିଳ୍ପୀ। କଂଗ୍ରେସ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସମାଧି ପୀଠ ନିର୍ମାଣ ହିଁ ସେ କରିଥିଲେ। ଆପଣ ନୂଆଦିଲ୍ଲୀ ଅଶୋକା ହୋଟେଲରେ ୧୪ଫୁଟ ଉଚ୍ଚତାର ଯେଉଁ କୋଣାର୍କ ଚକ୍ର ଦେଖିବେ ଜାଣିଛନ୍ତି ରଘୁନାଥ ବାବୁ ଥିଲେ ଏହାର ସ୍ରଷ୍ଟା। ଭୁବନେଶ୍ୱର ଧଉଳିରେ ୨ଟି ବୁଦ୍ଧ ମୂର୍ତ୍ତି ସହ ଲଦାଖରେ ୨୦ଫୁଟ ଉଚ୍ଚତା ବିଶିଷ୍ଟ ୩ଟି ବୁଦ୍ଧ ମୂର୍ତ୍ତି ଆନ୍ତର୍ଜାତିକ ଗଣମାଧ୍ୟମରେ ପ୍ରମୁଖ ଖବର ସେ ସମୟରେ ପାଲଟିଥିଲା। କେବଳ ଭାରତରେ ତାଙ୍କର କଳାକୃତି ସୀମିତ ନଥିଲା ଫ୍ରାନ୍ସରେ କାଠର ବିଶାଳ ମୂର୍ତ୍ତି ଓ ଜାପାନରେ ୧୫ଫୁଟ ଉଚ୍ଚତାର ଅଶୋକ ସ୍ତମ୍ଭ ହେଉଛି ତାଙ୍କରି ଅବଦାନ।

ଅନେକ ହୁଏତ ଜାଣିନଥିବେ ଛେଣ୍ଡିପଦା ବ୍ଲକ ଜିନ୍ଦଲ ପରିସରରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଆଠ ବର୍ଷ ତଳେ ଚିନ୍ତା କରିଥିଲେ ଜିନ୍ଦଲ ପରିଚାଳନା କର୍ତ୍ତୃପକ୍ଷ। ଆଉ ଏହାର ନିର୍ମାଣ ଦାୟିତ୍ୱ ସେମାନେ ରଘୁନାଥ ମହାପାତ୍ରଙ୍କୁ ଦେଇଥିଲେ। ଏହି ମନ୍ଦିର ନିର୍ମାଣରେ ଓଡ଼ିଶାର ଖଣ୍ଡୋଲାଇଟ ପଥର, ଗୁଜୁରାଟର ପୋରବନ୍ଦର ପଥର ଓ ରାଜସ୍ଥାନର ମାର୍କନା ମାର୍ବଲ ବ୍ୟବହାର କରାଯାଇଛି। ଚାରି ବର୍ଷ ଭିତରେ ଏହି ମନ୍ଦିର ନିର୍ମାଣ ଶେଷ ହୋଇଥିବାବେଳେ ୨୦୧୭ ଅକ୍ଟୋବରରେ ଏହାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଷ୍ଠା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଖୋଦ୍ ରଘୁନାଥ ମହାପାତ୍ର ଉପସ୍ଥିତ ଥିଲେ। ଓଡ଼ିଶାରେ ଦ୍ୱିତୀୟ କୋଣାର୍କ ମନ୍ଦିରର ସ୍ୱପ୍ନ ଦେଖିଥିଲେ ରଘୁନାଥ ମହାପାତ୍ର। ପୁରୀ-ଭୁବନେଶ୍ୱର ରାସ୍ତାର ସାକ୍ଷୀଗୋପାଳ ଠାରେ ଦ୍ୱିତୀୟ କୋଣାର୍କ ମନ୍ଦିର ନିର୍ମାଣ ପାଇଁ ଭୂମିପୂଜନ ମଧ୍ୟ ସମ୍ପନ୍ନ ହୋଇଯାଇଛି। ୧୦୦ ଏକର ଜମିରେ ଏହି ମନ୍ଦିର ଗଢ଼ାଯିବ। ଆଦିତ୍ୟ ନାରାୟଣ ଚାରିଟେବୁଲ ଟ୍ରଷ୍ଟ ନାମରେ ଏହି ମନ୍ଦିରର ନାମ ଆଦିତ୍ୟ ନାରାୟଣ ମନ୍ଦିର ରଖାଯାଇଥାନ୍ତା। କିନ୍ତୁ ଏବେ ଏହି ସ୍ୱପ୍ନ ତାଙ୍କର ଅଧୁରା ରହିଗଲା। କରୋନା ମହାମାରୀ ଓଡ଼ିଶାର ଜଣେ କୃତୀ ବରପୁତ୍ରଙ୍କ ଜୀବନ ନେଇଗଲା। ବାସ୍ତବରେ ରଘୁନାଥ ମହାପାତ୍ର ପାର୍ଥିବ ଭାବେ ନଥାଇପାରନ୍ତି କିନ୍ତୁ ତାଙ୍କର ଯେଉଁ କୃତୀ ଓ ଖ୍ୟାତି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଚିରକାଳ ଲିପିବଦ୍ଧ ହୋଇରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ତାଙ୍କର ଅମର ଆତ୍ମାର ସଦ୍‌ଗତି ହେଉ। ତାଙ୍କ ପ୍ରତି ମୋର ପ୍ରଣାମ ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।


*ଜଗନ୍ନାଥ ବିହାର, ଗୋପାଳପୁର, କଟକ ସଦର, କଟକ-୧୧*

*ଦୂରଭାଷ : ୯୪୩୭୧୪୨୭୧୭*


# ଜୀବନରେ ଯେବେ ମୋର ଆସିବ ସଂଧ୍ୟା....



ବାଦଲ ଭୂୟାଁ

'ଜୀବନରେ ଯେବେ ମୋର ଆସିବ ସନ୍ଧ୍ୟା....ସେଇ ସନ୍ଧ୍ୟା ହେଉ ତୋର ଭଜନ ସନ୍ଧ୍ୟା.....'। ଏ ଗୀତର ମର୍ମ ଆଉ ଉକ୍ତି ସବୁ ଯେମିତି ତାଙ୍କ ପାଇଁ ହୋଇଥିଲା। ସତେ ଅବା ସେ ଯେମିତି ଆଗୁଆ ସବୁକିଛି ଜାଣିଥିଲେ। ଆଉ ସେହିଭଳି ଏକ ଭଜନ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିଭରା ନିବେଦନ ରଖି ବାଢ଼ିଥିଲେ। ଆଜି ଯେତେବେଳେ ତାଙ୍କ ଜୀବନରେ ସନ୍ଧ୍ୟା ସେତେବେଳେ ପ୍ରଭୁ ଚନ୍ଦନ ଯାତ୍ରାରେ ଭଜନ, କୀର୍ତ୍ତନ ଆଉ ଜଣାଣ ଶୁଣି ଚାପ ଖେଳୁଛନ୍ତି। ଶୋଇ ଯା ମାମା.... ଭଳି ଶାନ୍ତିରେ ଆଖିରେ ନିଦ ଆଣି ଦେଉଥିବା ଗୀତ, ପୁଚୁକୁ ଗାଲି ଫେସନ ବାଲି ଭଳି ମେଲୋଡିଅସ୍ ସଂଗୀତ, ମିଛ ଦୁନିଆରେ ଗୋଟିଏ ସତ ଭଳି ଭାବବିହ୍ୱଳ ଭଜନ, ନଦୀରେ ନଦୀ ତୁ ପୂଣ୍ୟବତୀ..... ଆଉ ସବିତା... ସବିତା... ସବିତା.... ଭଳି ପ୍ରେମ ସମର୍ପଣ ଗୀତର ସେ ଥିଲେ ସଂଗୀତକାର। ଜଣେ ଖିଆଲି ମଣିଷ କିନ୍ତୁ ଅତ୍ୟନ୍ତ ଦରଦି ଆଉ ସମ୍ବେଦନଶୀଳ। ନିଜକୁ ପଛରେ ରଖି ଅନ୍ୟକୁ ଗଢ଼ି ତୋଳୁଥିବା ମଣିଷ। ଅମରେନ୍ଦ୍ର ମହାନ୍ତି... ବୁଲୁ ଭାଇ। ଜଣେ ନିରୋଳା କଟକିଆ। ମାତ୍ର ୬୩ ବର୍ଷରେ ସଂସାର ଛାଡ଼ିଗଲେ.... ନିଜର ପତ୍ନୀ, ପ୍ରେମିକାଙ୍କ ପଛେ ପଛେ ମାତ୍ର ଦୁଇ ବର୍ଷ ବ୍ୟବଧାନରେ। ଏତିକି ବୟସରେ ଏତେକଥା କରି ଯାଇଥିବା ଏହି ମଣିଷଙ୍କ ସଂପର୍କରେ ସୂଚନା ଏକାଠି କଲାବେଳେ ମନେ ହୁଏ ଅବିଶ୍ୱସନୀୟ। କିନ୍ତୁ ତାଙ୍କ କୃତି ବାସ୍ତବରେ ତ ଅମର। ପ୍ରତିଟି ଓଡ଼ିଆ ସଂଗୀତ ପ୍ରେମୀ ପ୍ରାଣରେ ଅମରେନ୍ଦ୍ର ଅମର। ୧୯୫୮ ମସିହା ଫେବୃଆରୀ ୬ ତାରିଖରେ ଜନ୍ମିତ ଅମରେନ୍ଦ୍ର ବାବୁଙ୍କ ଆକାଶବାଣୀ କଟକରୁ ସଂଗୀତ ଜୀବନ ଆରମ୍ଭ ହୋଇଥିଲା। ୧୯୯୩ ମସିହାର ଚଳଚ୍ଚିତ୍ର 'ଶ୍ରଦ୍ଧାଞ୍ଜଳି' ଥିଲା ତାଙ୍କ ସଂଗୀତ ନିର୍ଦ୍ଦେଶନା ପ୍ରଥମ ଚଳଚ୍ଚିତ୍ର। ତାଙ୍କ ଶେଷ ଚଳଚ୍ଚିତ୍ର ନାଁ ହେଉଛି 'ଗାଁର ନାଁ ଗାଲୁଆପୁର' ଯାହା ମୁକ୍ତିଲାଭ ପ୍ରତୀକ୍ଷାରେ ରହିଛି। ବଲିଉଡର ଅନେକ ଗାୟକଙ୍କୁ ଓଡ଼ିଶା ଆଣି ଗୀତ ରେକର୍ଡ଼ କରିଥିଲେ ଅମରେନ୍ଦ୍ର। ସେ ସବୁବେଳେ କହୁଥିଲେ, ଆମେ ଗୀତ କରିବାକୁ ବମ୍ବେ ଯାଉଛୁ, ସେମାନେ ଭଲ ପଇସା କମାଉଛନ୍ତି। ଓଡ଼ିଶା ଆସି ସେମାନେ କ'ଣ ପାଇଁ ଗୀତ ଗାଇବେ ନାହିଁ। ତାଙ୍କର ଏହି ଇଚ୍ଛା ପୂରଣ ହୋଇଥିଲା। ପ୍ରଥମଥର ତାଙ୍କ 'ଆଶା ଷ୍ଟୁଡିଓ'ରେ ବଲିଉଡର ଲୋକପ୍ରିୟ ଗାୟକ ମୁନ୍ନା ଆଜିଜ୍ ଆସି ଗୀତ ଗାଇଥିଲେ। ସେ ସାତ ଦିନରହି କୋଡିଏଟି ଗୀତ ଗାଇ ଯାଇଥିଲେ। ଏହାପରେ ବହୁ ବଡ଼ ବଡ଼ ଗାୟକଙ୍କୁ ତାଙ୍କ ଷ୍ଟୁଡିଓକୁ ଆଣି ଗୀତ ରେକର୍ଡ଼ କରିଥିଲେ।

ତାଙ୍କର ଅନେକ ଗୀତ ବିପୁଳ ଶ୍ରୋତମଣ୍ଡଳୀର ଆଦୃତି ପାଇଛି। ସମଗ୍ର ଭାରତ ବର୍ଷ ଓ ଭାରତ ବାହାରେ ଯେଉଁଠି ବି ଓଡ଼ିଆମାନେ ରହିଛନ୍ତି ତାଙ୍କ ସଂଗୀତର ଯାଦୁ ସବୁଠି ଦେଖିବାକୁ ମିଳିଛି। ତାଙ୍କ ପ୍ରସିଦ୍ଧ ଲାଭ କରିଥିବା ଗୀତ ଗୁଡ଼ିକ ହେଉଛି 'ଚାଲ ବେଗି ବେଗି ଯିବା ସଙ୍ଗାତ' ହେଉ କି 'ଥକାମନ ଚାଲ ଯିବା' କି 'ମୁଁ ତ ବଡ଼ ଦେଉଳର ପାରାରେ', 'ଜୀବନରେ ଯେବେ ମୋର ଆସିବ ସନ୍ଧ୍ୟା' ଭଳି ସୁମଧୁର ଭଜନ ଥିଲା ତାଙ୍କରି କୃତି। ସେହିଭଳି 'ପୁଚୁକୁ ଗାଲି ଫେସନ ବାଲି', 'ମୋର ମନ ଉଡିଯାଏରେ', 'ଶୋଇଯା ମାମା', 'ଚାନ୍ଦର ଚାନ୍ଦିନୀ ପରି' ଭଳି ଲୋକପ୍ରିୟ ସିନେ ସଙ୍ଗୀତ ତାଙ୍କରି ଅବଦାନ ଥିଲା। ଓଡ଼ିଆ ଚଳଚ୍ଚିତ୍ର 'ଭାଇ ହେଲା ଭଗାରି', 'ସୁନା ପଞ୍ଜୁରୀ', 'ବସୁଧା', 'ରାମ ଲକ୍ଷ୍ମଣ', 'ସିଂହବାହିନୀ', 'ପବିତ୍ର ବନ୍ଧନ', 'ସରପଞ୍ଚ ବାବୁ', 'ଧର୍ମ ଦେବତା', 'ମାଗୁଣିର ଶଗଡ଼', 'ପରୀମହଲ', 'କଣ୍ଢେଇ ଆଖିରେ ଲୁହ', 'ଜୟ ଶ୍ରୀରାମ', 'ହେ ସଖା', 'ରଙ୍ଗ ବରଷିବ ଟୁପୁରୁ ଟୁପୁରୁ'ରେ ସେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ସଙ୍ଗୀତ କ୍ଷେତ୍ରରେ ଆଜୀବନ ସାଧନା ପାଇଁ ଅନେକ ସମ୍ମାନ, ସ୍ୱୀକୃତି ଓ ଲୋକପ୍ରିୟତା ଅର୍ଜନ କରିଥିଲେ। ଭଜନ, ଜଣାଣ, ଯାତ୍ରା ଠାରୁ ଆଧୁନିକ ଓ ଫିଲ୍ମର ଅନେକ ହିଟଗୀତ ପଛରେ ତାଙ୍କର ହାତର ଓ ସ୍ୱରର ଯାଦୁ ରହିଛି। ଓଡ଼ିଆ ଯାତ୍ରାକୁ ଲୋକପ୍ରିୟ କରିବାରେ ତାଙ୍କ ଅବଦାନ ସ୍ମରଣୀୟ। ସଂଗୀତ ଜଗତରେ ସେ ଥିଲେ ଜଣେ ନୀରବ ସାଧକ। ହୁଏତ ଆଗାମୀ ଦିନରେ ତାଙ୍କପରି ଜଣେ ଅଭିଜ୍ଞତାସମ୍ପନ୍ନ ବିଚକ୍ଷଣ ତଥା ପ୍ରଚଣ୍ଡ ପ୍ରତିଭାଧାରୀ ସଂଗୀତଜ୍ଞ ଜନ୍ମ ହେବା ବିରଳ ହୋଇପାରେ। ସେ ଏମିତି ଜଣେ ସଂଗୀତକାର ଥିଲେ ଯେଉଁ ଗୀତର ସ୍କେଲ ଧରୁଥିଲେ ତାହା ଶ୍ରୋତାଙ୍କ ପାଇଁ ଶ୍ରୁତିମଧୁର ହେଉନଥିଲା ବରଂ ଚିରକାଳ ସୁପରହିଟ୍‌ର ମାନ୍ୟତା ସହ ଅଗଣିତ ଶ୍ରୋତାଙ୍କ ହୃଦୟ ଭିତରେ ତାହା ଏକ ସ୍ୱତନ୍ତ୍ର ସ୍ଥାନ ରଖିପାରୁଥିଲା। ଆଜି ତାଙ୍କର ବିୟୋଗରେ ତାଙ୍କୁ ଝୁରୁଛି ସାରା ଓଡ଼ିଶା ଓ ଝୁରୁଛି ସଙ୍ଗୀତ ଦୁନିଆ। ଏବେ ବି ବାହୁନି କାନ୍ଦୁଛି ତାଙ୍କ ହାରମୋନିୟମ୍। ହେ ସଙ୍ଗୀତ ଜଗତର ଧ୍ରୁବତାରା, ହେ ଅମ୍ଳାନ ଅମରେନ୍ଦ୍ର, ତୁମେ ଅଜୟ...ତୁମେ ଅମର...।


*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ'*

*୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*

*ଦୂରଭାଷ : ୭୪୮୮୯୯୮୫୩୨*




# ଚଳିତବର୍ଷ ଗାଁ କଲ୍ୟାଣ ସମିତିକୁ ୧୦ହଜାର ପରିବର୍ତ୍ତେ ମିଳିବ ୨୦ହଜାର

**ଭୁବନେଶ୍ୱର :** ୨୦୨୧-୨୨ ଆର୍ଥିକ ବର୍ଷରେ ଗାଁ କଲ୍ୟାଣ ସମିତିଗୁଡ଼ିକୁ ୪ଟି କିସ୍ତିରେ ୨୦ହଜାର ଟଙ୍କା ଲେଖାଏଁ ମିଳିବ। କୋଭିଡ୍ ସଚେତନତା, ଗରିବ ଲୋକଙ୍କୁ ମାସ୍କ ବଣ୍ଟନ, କୋଭିଡ୍ ରୋଗୀଙ୍କ ଘରକୁ ସାନିଟାଇଜେସନ୍ ଆଦି କାର୍ଯ୍ୟ ପାଇଁ ସେମାନେ ଏହି ଅର୍ଥ ଖର୍ଚ୍ଚ କରିବେ। ପ୍ରତିବର୍ଷ ଗାଁ କଲ୍ୟାଣ ସମିତିକୁ ୧୦ହଜାର ଟଙ୍କା ଲେଖାଏଁ ଦିଆଯାଇଥାଏ, କିନ୍ତୁ ଚଳିତଥର କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ଗାଁ କଲ୍ୟାଣ ସମିତିକୁ ଅଧିକ ୧୦ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ।ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୨ଦିନ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଗ୍ରାମାଂଚଳରେ କୋଭିଡ୍ ପରିଚାଳନା ପାଇଁ ୩ମାସିଆ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ପ୍ରସ୍ତୁତ ନିମନ୍ତେ ଗାଁ କଲ୍ୟାଣ ସମିତି ବୈଠକ ଡାକି ପ୍ରତିବର୍ଷ ମିଳୁଥିବା ୧୦ହଜାର ଟଙ୍କା କିଭଳି ଖର୍ଚ୍ଚ ହେବ ତା'ର ରୂପରେଖ ପ୍ରସ୍ତୁତ ପାଇଁ କୁହାଯାଇଛି। ସେହିପରି ଗାଁ ଲୋକଙ୍କୁ ସାମିଲ କରି ସାନିଟାଇଜେସନ୍ ଅଭିଯାନ ଚଳାଇବା, କୋଭିଡ୍ ସଂକ୍ରମିତଙ୍କ ଘରକୁ ସାନିଟାଇଜ୍ କରିବା, କୋଭିଡ୍ ରୋଗୀଙ୍କୁ ଟିକା ଓ ପରୀକ୍ଷା ନିମନ୍ତେ ବ୍ୟକ୍ତିଗତ ସହାୟତା, କୋଭିଡ୍ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଓ କୋଭିଡ୍ ସଚେତନତା ଆଦି ନିମନ୍ତେ ଅର୍ଥ ଖର୍ଚ୍ଚ କରିବାକୁ କୁହାଯାଇଛି। ଗାଁ କଲ୍ୟାଣ ସମିତିଗୁଡ଼ିକ ଏହି ୨୦ହଜାର ଟଙ୍କା ମଧ୍ୟରୁ ୭ହଜାର ଟଙ୍କାକୁ ଅତିକମରେ ମାସକୁ ଥରେ ସାମୟିକ ସଚେତନତା କାର୍ଯ୍ୟକ୍ରମ( ମାଇକ୍ ବଜାଇ, ବାଜା ବଜାଇବା, ପୋଷ୍ଟର ଲଗାଇବା ଆଦି)ରେ ଖର୍ଚ୍ଚ କରିବେ। କାନ୍ଥରେ ସଚେତନତା ବାର୍ତ୍ତା ଲେଖିବା ଓ ହୋର୍ଡିଂ ଲଗାଇବା ମାଧ୍ୟମରେ କରିବେ। ସେହିପରି ଗାଁର ଗରିବ ଲୋକଙ୍କୁ ମାସ୍କ, ସାବୁନ ଆଦି ବାଣ୍ଟିବା ପାଇଁ ୨ହଜାର ଟଙ୍କା, ଗରିବ ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସୁବିଧା ଦେବା ନିମନ୍ତେ ଅବା କୋଭିଡ୍ ଟିକା ଅବା ଟେଷ୍ଟ କରାଇବା ପାଇଁ ପଠାଇବା ନିମନ୍ତେ ୩ହଜାର ଟଙ୍କା, କୋଭିଡ୍ ସଂକ୍ରମିତଙ୍କ ଘରକୁ ସାନିଟାଇଜ୍ କରିବା ପାଇଁ ୩ହଜାର ଟଙ୍କା ଖର୍ଚ୍ଚ କରିପାରିବେ। ଗାଁ କଲ୍ୟାଣ ସମିତି ବୈଂକ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବାକି ୫ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଚିଠି ଲେଖି ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ କହିଛନ୍ତି।

# ମ୍ୟୁକରମାଇକୋସିସ୍ ପାଇଁ ରାଜ୍ୟରେ ଔଷଧ ସଙ୍କଟ

**ଭୁବନେଶ୍ୱର :** ରାଜ୍ୟରେ ଜଟିଳ ସ୍ଥିତି ସୃଷ୍ଟି କଲାଣି ମ୍ୟୁକରମାଇକୋସିସ। ଏମ୍ସରେ ଚିକିତ୍ସାଧୀନ ଜଣେ ରୋଗୀ ହରାଇଛନ୍ତି ଦୃଷ୍ଟି ଶକ୍ତି। ୨ ଜଣଙ୍କ ଆଖି ଅସ୍ତ୍ରୋପଚାର ହୋଇଛି। ଏମିତି ସମୟରେ ମ୍ୟୁକରମାଇକୋସିସ୍ ରୋଗୀଙ୍କୁ ଦିଆଯାଉଥିବା ଜୀବନ ରକ୍ଷାକାରୀ ଲାଇପୋଜୋମାଲ ଆମ୍ଫୋଟେରିସିନ ଔଷଧର ବି ସଙ୍କଟ ଦେଖା ଦେଇଛି। ଉଚ୍ଚ ବର୍ଗର ବ୍ୟକ୍ତି ବାହାରୁ କୌଣସି ପ୍ରକାର ଔଷଧ ବ୍ୟବସ୍ଥା କରୁଛନ୍ତି; କିନ୍ତୁ ସାଧାରଣ ରୋଗୀ ଔଷଧ ଯୋଗାଡ଼ କରିପାରୁ ନ ଥିବାରୁ ସେମାନଙ୍କ ପାଇଁ ଏହା ଘାତକ ହେଲାଣି। ଏବେଠୁ ଔଷଧ ଯୋଗାଇବା ନେଇ ରାଜ୍ୟ ସରକାର ପଦକ୍ଷେପ ନନେଲେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ ବୋଲି ବିଶେଷଜ୍ଞ ଡାକ୍ତରମାନେ ସତର୍କ କରାଇ ଦେଇଛନ୍ତି। ଯଦିଓ ବର୍ତ୍ତମାନ ପର୍ଯ୍ୟନ୍ତ ଏମ୍ସ ଚିକିତ୍ସାଧୀନ କୌଣସି ରୋଗୀଙ୍କ ମୃତ୍ୟୁ ମ୍ୟୁକରମାଇକୋସିସରେ ହୋଇନାହିଁ, କିନ୍ତୁ କ୍ରମଶଃ ଏହି ରୋଗୀଙ୍କ ସଂଖ୍ୟା ବିବା ଚିନ୍ତାର କାରଣ ହୋଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫ ଜଣ ଏପରି ରୋଗୀ ଏବେ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ୩୦ରୁ ୫୦ ବର୍ଷ ମଧ୍ୟରେ ବିଭିନ୍ନ ବର୍ଗର ଅଛନ୍ତି। ଅଧିକାଂଶ ମ୍ୟୁକର ମାଇକୋସିସ ରୋଗୀ ଆଖି ସଂକ୍ରମିତ ହୋଇ ଆସୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ଔଷଧ ମିଳିଲେ ସମସ୍ତେ ସୁସ୍ଥ ହେବାର ଆଶା ରହିଛି। ଏବେ କିନ୍ତୁ ଲାଇପୋଜୋମାଲ ଆମ୍ଫୋଟେରିସିନ ସଙ୍କଟ ରୋଗୀଙ୍କ ପରିବାର ପାଇଁ ଚିନ୍ତାର କାରଣ ହୋଇଛି। ଏହା ନ ମିଳିଲେ କଣ ହେବ କିଛି କୁହାଯାଇ ପାରିବ ନାହିଁ। ଭର୍ତ୍ତି ହୋଇଥିବା ରୋଗୀଙ୍କ ବ୍ୟତୀତ ମଧ୍ୟ ଆହୁରି ଅନେକ ରୋଗୀ ଟେଲିମେଡିସିନ ଜରିଆରେ ଏମ୍ସ ବିଶେଷଜ୍ଞଙ୍କ ସହିତ ଏହି ସମସ୍ୟା ନେଇ ଆଲୋଚନା କରୁଛନ୍ତି। ଏଥିମଧ୍ୟରେ ରାଜ୍ୟ ବାହାରର ଆକ୍ରାନ୍ତ ବେଶି ଅଛନ୍ତି। ଲକଡାଉନ ଯୋଗୁଁ ସେମାନେ ଏଠାକୁ ଆସିପାରୁନଥିବାରୁ ଅବସ୍ଥା ଜଟିଳ ହେଉଛି। ମଧୁମେହ ରୋଗୀ କରୋନା ଆକ୍ରାନ୍ତ ହେବା ପରେ ମାତ୍ରାଧିକ ଷ୍ଟେରୋଏଡ ନେବା ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ତେଣୁ ଡାକ୍ତରଙ୍କ ବିନା ପ୍ରେସକ୍ରିପସନରେ କେହି ଷ୍ଟେରୋଏଡ ନ ନେବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ବର୍ତ୍ତମାନ ରାଜ୍ୟରେ ସରକାରୀ ଭାବରେ କେବଳ ଏମ୍ସରେ ହିଁ ମ୍ୟୁକରମାଇକୋସିସ ଚିକିତ୍ସା ସୁବିଧା ରହିଛି। ଅନ୍ୟ ଡାକ୍ତରଖାନାକୁ ରୋଗୀ ଯାଇ ଏଠାକୁ ରେଫର ହେଲା ବେଳକୁ ବିଳମ୍ବ ହେଉଛି। ତେଣୁ ରୋଗୀ, ପରିବାର ମ୍ୟୁକରମାଇକୋସିସ ପ୍ରତି ସଚେତନ ରୁହନ୍ତୁ, ନିର୍ଦ୍ଧାରିତ ସମୟରେ ଚିକିତ୍ସା ଆରମ୍ଭ କରନ୍ତୁ ବୋଲି ପରାମର୍ଶ ଦିଆଯାଉଛି। ସରକାର ମଧ୍ୟ ଔଷଧ ସଙ୍କଟ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ରୋଗୀଙ୍କ ପରିଜନମାନେ ନିବେଦନ କରିଛନ୍ତି।

# ୧୦ ମାସର ଶିଶୁ କନ୍ୟା କରୋନା ଆକ୍ରାନ୍ତ

**ଭଦ୍ରକ :** ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ କରୋନାର ୨ୟ ଲହର ତାର କାୟା ବିସ୍ତାର କଲି ଚାଲିଛି । ସରକାରୀ ତଥ୍ୟ ଅନୁଯାୟୀ ଏହା ବ୍ଲକର ୨୫ଟି ପଂଚାୟତର ପ୍ରତ୍ୟେକ ଗ୍ରାମକୁ ତାର କବଳରେ କବଳିତ କଲାଣି । ମୁଖ୍ୟତଃ ଗୋପିନାଥପୁର, ଅଣିଜୋ,ଚାରିଗାଁ, ପୁରୁଷଣ୍ଡ,ବିଟିପୁର,ମହାନ୍ତିପଡ଼ା,ଓଡ଼ଙ୍ଗ ଆଦି ଗ୍ରାମରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ପରିଲକ୍ଷିତ ହେଉଛି । ପ୍ରତିଦିନ ଆଗରପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପୁରୁଷଣ୍ଡ ରାଜୀବ ସେବା କେନ୍ଦ୍ରରେ କୋଭିଡ଼ ପରିକ୍ଷଣ ଚାଲିଛି । ଏହି ପରିପ୍ରେକ୍ଷିରେ ଗତ ଗୁରୁବାର ହୋଇଥିବା ପରିକ୍ଷଣରେ ୨୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରେ ଜଣେ ୧୦ମାସର ଶିଶୁ କନ୍ୟା ଥିବା ଜଣା ପଡ଼ିଛି । ଉକ୍ତ ଶିଶୁ କନ୍ୟାଙ୍କ ପରିବାରର ସମସ୍ତ ସଦସ୍ୟ ପୂର୍ବରୁ କରୋନାରେ ଆକ୍ରାନ୍ତ ହୋଇଥିବାର ସୂଚନା ମିଳିଛି ।

# ସଂକ୍ରମଣ ବୃଦ୍ଧି ସତ୍ୱେ ଘରେ ରହି ସୁସ୍ଥ ହେଉଛନ୍ତି ୮୫% କୋଭିଡ ରୋଗୀ

**ଭଦ୍ରକ :** ସଂକ୍ରମଣ ବୃଦ୍ଧି ସତ୍ୱେ ଘରେ ରହି ସୁସ୍ଥ ହେଉଛନ୍ତି ୮୫ ପ୍ରତିଶତ କୋଭିଡ ରୋଗୀ । ଯାହାକି କୋଭିଡ ଆକ୍ରାନ୍ତଙ୍କ ସକାସେ ଏକ ଖୁସୀ ଖବର ସାବ୍ୟସ୍ତ ହୋଇଛି । ଭଦ୍ରକ ଜିଲ୍ଲାରେ ଏବେ ଦୈନିକ ସଂକ୍ରମଣ ଦୁଇ ଶହରୁ ତିନିଶହ ଅତିକ୍ରମ କରୁଥିଲେ ମଧ୍ୟ ସବୁ କୋଭିଡ ଆକ୍ରାନ୍ତଙ୍କୁ ଡାକ୍ତରଖାନାରେ ଭର୍ତି କରାଯିବାର ଆବଶ୍ୟକତା ପଡୁ ନାହିଁ । ପରନ୍ତୁ ନିଜ ଘରେ ଅଥବା ସରକାରୀ କ୍ୱାରେଂଟାଇନ କେନ୍ଦ୍ରରେ ରହି ଭଲ ହେଉଛନ୍ତି ଲୋକେ । ଏହି ସୁଚନା ଅନୁଯାଇ ମଇମାସ ୧୩ ତାରିଖ ଦିନ ଭଦ୍ରକ ଜିଲ୍ଲାରେ ଦୈନିକ ସଂକ୍ରମଣ ୨୧୬ ହୋଇଥିବା ବେଳେ ଜିଲ୍ଲାରେ ସକ୍ରିୟ କୋଭିଡ ମାମଲା ୧ ହଜାର ୬୦୫ କୁ ବୃଦ୍ଧିପାଇଛି । ତେବେ ଜିଲ୍ଲାରେ ସକ୍ରିୟ ମାମଲା ୧୬ ଶହ ଅତିକ୍ରମ ସତ୍ୱେ ସେଥିରୁ ମାତ୍ର ୧୯୪ ଜଣଙ୍କୁ ବିଭିନ୍ନ କୋଭିଡ ସ୍ୱାସ୍ଥକେନ୍ଦ୍ର ଏବଂ ଡାକ୍ତରଖାନାରେ ରଖାଯାଇ ଚିକିତ୍ସା କରାଯାଉଥିବା ବେଳେ ଅବଶିଷ୍ଟ ୧ହଜାର ୪୧୧ ଜଣ ଘରେ ରହି ଚିକିତ୍ସାରେ ରହିଛନ୍ତି । ଅର୍ଥାତ ପିଡିତଙ୍କ ମଧ୍ୟରୁ ମାତ୍ର ୧୨ ରୁ ୧୫ ପ୍ରତିଶତ ରୋଗୀଙ୍କୁ କେବଳ ଡାକ୍ତରଖାନାରେ ଭର୍ତି କରାଯାଉଥିବା ବେଳେ ଅବଶିଷ୍ଟ ପ୍ରାୟ ୮୫ ପ୍ରତିଶତ ରୋଗୀ ଙ୍କୁ ଘରେ ରହି ଭଲ ହେବାକୁ ପରାମର୍ଶ ଦିଆଯାଉଛି । ଅର୍ଥାତ ଏମାନେ କୋଭିଡ ସଂକ୍ରମିତ ଚିହ୍ନଟ ହେଉଥିଲେ ମଧ୍ୟ ସେମାନଙ୍କୁ ଗୁରୁତର କୁହାଯାଇପାରିବ ନାହିଁ । ଏହି ସୁଚନା ଅନୁଯାଇ ମଇମାସ ୧୩ ତାରିଖ ସୁଦ୍ଧା ଜିଲ୍ଲା କୋଭିଡ ହସପିଟାଲରେ ସର୍ବାଧିକ ୭୫ ଜଣ ରୋଗୀ ରହିଥିବା ବେଳେ ଭଦ୍ରକ କଲେଜ କୋଭିଡ ହେଲ୍ଥ ସେଂଟରରେ ୬୯ ଜଣ, ଓଲଙ୍ଗ ସିସିସି ରେ ୩୪ ଜଣ ଏବଂ ତିହିଡି ସିସିସି ରେ ୧୬ ଜଣ ଏହିପରି ମୋଟ ୧୯୪ ଜଣ ରୋଗୀ ଚିକିତ୍ସାଧିନ ରହଛନ୍ତି । ସେମାନଙ୍କ ମଧ୍ୟରୁ ୩୪ ଜଣଙ୍କୁ ଅକ୍ସିଜେନ ସର୍ପୋଟରେ ରଖାଯାଇଥିବା ବେଳେ ଅବଶିଷ୍ଟ ୧୬୦ ଜଣ ସାଧାରଣ କୋଭିଡ ରୋଗୀ ଭାବେ ଚିକିତ୍ସାଧିନ ରହିଛନ୍ତି ।

# ଟିକାକରଣ ସ୍ଥାନରେ ରହୁନି ସାମାଜିକ ଦୂରତ୍ୱ; ପ୍ରଶାସନ ନିରବଦ୍ରଷ୍ଟା

**ଜଗତ୍‌ସିଂହପୁର :** କରୋନା ମହାମାରୀର ଦ୍ୱିତୀୟ ଲହରୀ ଦ୍ରୁତ ବେଗରେ ମାଡିଚାଲି ଲୋକଙ୍କ ଜୀବନ ଚାଲିଯାଉଥିବା ବେଳେ ସେଥିରୁ ବଞ୍ଚିବା ପାଇଁ ଏକ ମାତ୍ର ଉପାୟ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ, ସାନିଟାଇଜର ଓ କୋଭିଡ ଟୀକାକରଣ । ଲୋକମାନେ ନିଜକୁ ବଞ୍ଚାଇବା ପାଇଁ ସରକାରଙ୍କ ବିଭିନ୍ନ ସ୍ଥାନମାନଙ୍କରେ ଦିଆଯାଉଥିବା କୋଭିଡ ଟୀକା ନେବା ପାଇଁ ଧାଁଦୌଡ କରିଚାଲୁଛନ୍ତି । କେମିତି ଆଗ ଟୀକା ନେଇ ନିଜକୁ ବଞ୍ଚାଇବେ । ସେଥିପାଇଁ ଭିଡ଼, ଧାଁଦୌଡ, କୋଭିଡ଼ ନିୟମ ଉଲଘଂନ । କେଉଁଠି ଟୀକା ଦିଆଯାଉଥିବା କେନ୍ଦ୍ରମାନଙ୍କରେ ଟୀକାସଂଖ୍ୟା ଅପେକ୍ଷା ଲୋକମାନେ ଅଧିକ ହୋଇଯାଉଥିବାରୁ ସେଠାରେ କୌଣସି ସାମାଜିକ ଦୂରତ୍ୱ ରହୁନାହିଁ । ସେଠରେ ଏତେ ଭିଡ ହେଉଛି ଯେ ସେହିସ୍ଥାନମାନଙ୍କରୁ କୋଭିଡ ସଂଖ୍ୟା ବହୁତ ଭାବରେ ବୃଦ୍ଧିହୋଇଯିବ । ଜଗତ୍‌ସିଂହପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏପରି ଅସୁବିଧା ଦେଖିବାକୁ ମିଳୁଛି । ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜଗତ୍‌ସିଂହପୁର ପୌର ପ୍ରଶାସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲୋକମାନଙ୍କର ଅସମ୍ଭବ ଭିଡ ଯୋଗୁଁ ଏହି ବାଟଦେଇ ବାଲିକୁଦା, ନାଉଁଗାଁ ଅଞ୍ଚଳକୁ ଯାଉଥିବା ଯାତ୍ରୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏପରିକି ବହୁ ସ୍ଥାନମାନଙ୍କରେ ମାଛ, ମାଂସ ଓ ଚିକେନ୍ କାଉଣ୍ଟର ମାନଙ୍କରେ ଅସମ୍ଭବ ଭିଡ ଦେଖିବାକୁ ମିଳୁଥିବା ବେଳେ ଟୀକାକରଣ କେନ୍ଦ୍ର ଗୁଡିକ ବି ଏଥିରୁ ବଳିଗଲାଣି । ଏହି ଟୀକାକରଣ କେନ୍ଦ୍ରମାନଙ୍କରେ ଶହ ଶହ ଲୋକମାନଙ୍କର ଗହଳି ଯୋଗୁଁ ଏହା ଏକ ପ୍ରତିଯୋଗିତା ହେଉଥିବାର ଦେଖିବାକୁ ମିଳୁଛି । କିଛି ପୋଲିସ୍ କର୍ମଚାରୀମାନେ ଏଠାରେ ଜଗିଥିଲେ ବି ଟୀକାନେବା ପାଇଁ ଲୋକମାନଙ୍କ ଅସମ୍ଭବ ଭିଡ ଆଗରେ ସେ ନିରବଦ୍ରଷ୍ଟା ସାଜୁଛନ୍ତି । ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଧାଡିରେ ଠିଆ କରାଇ ଟୀକା ନବାର ସମ୍ଭାବନା ଯେପରି ପ୍ରଭାବଶୂନ୍ୟ ହୋଇପଡୁଛି । ଏପରିକି ଟୀକାକରଣ ସ୍ଥାନମାନଙ୍କରେ ଧାଡିରେ ଘଣ୍ଟାଘଣ୍ଟା ଠିଆହୋଇ ପରିସ୍ଥିତି ଏକ ପ୍ରକାର ସଂକ୍ରମଣ ସୃଷ୍ଟି କରିବାର ପରିସ୍ଥିତି ସୃଷ୍ଟି ହେଲାଣି । ଏପରି ଅବବ୍ୟସ୍ଥା ସବୁକୁ ଦେଖି ନା ଡାକ୍ତରଖାନା କର୍ତ୍ତୃପକ୍ଷ ନା ମ୍ୟୁନ୍‌ସିପାଲଟି କର୍ତ୍ତୃପକ୍ଷ ନିଦ୍ରାରେ ଶୋଇପଡିଲାପରି ମନେ ହେଉଛି । ତେବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାପାଇଁ ବୃଦ୍ଧିଜୀବୀ ମହଲରୁ ଦାବୀ ହେବା ସହିତ ଏଥିପ୍ରତି ଦୃଷ୍ଟି ଦିଆନଗଲେ ପରିସ୍ଥିତି ଆହୁରି ଭୟଙ୍କର ହୋଇପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ନେତାଙ୍କ ଦେଖା ମିଳୁନି, ପୋଲିସ ପ୍ରଶାସନ ହାତରେ କୋଭିଡ ପରିଚାଳନା

**ଭଦ୍ରକ :** ଭଦ୍ରକ ଜିଲ୍ଲାରେ ଏବେ କୋଭିଡ ମହାମାରୀ ଲୋକଙ୍କ ଆଖିରୁ ନିଦ ହଜେଇ ଦେଇଛି । କିଛି ଅମାନିଆଙ୍କ ଛଡା ସରକାରୀ ଭାବେ ଜିଲ୍ଲାବ୍ୟାପି ଯାରି କରାଯାଇଥିବା କୋଭିଡ କଟକଣାକୁ ଊଣାଅଧିକ ସମସ୍ତେ ପାଳନ କରି ଚାଲିଛନ୍ତି । ଗରୀବ ଦୀନ ମଜୁରିଆ ଲୋକଟିଏହେଲେ ମଧ୍ୟ ମୁହଁରେ ଗାମଛା ଭିଡି ଚଳ ପ୍ରଚଳ ହେଉଥିବା ବେଳେ ୮୦ ଭାଗ ଲୋକେ ବଜାରଘାଟ ବୁଲିବା ଛାଡି ଦେଇଛନ୍ତି । ଲୋକ ମାନଙ୍କର ଏହି ବିପତି ସମୟରେ ପୋଲିସ ପ୍ରଶାସନ ଗାଁଗାଁ ବୁଲି ଲୋକଙ୍କ ଦୁଃଖ ଦୁର୍ଦ୍ଧଶା ବୁଝିବା ସହିତ ସେମାନେ କିଭଳି ଏହି ମହା ବିପ୍ତରୁ ନିସ୍ତାର ପାଇବେ ତାହାର ବାଟ ଦେଖାଇ ଚାଲିଛନ୍ତି । ପ୍ରଶାସନର ସବୁଠାରୁ ତଳସ୍ତରରେ କାମ କରୁଥିବା ଆଶା ଏବଂ ଅଙ୍ଗନବାଡି କର୍ମି ମାନେ ସେମାନଙ୍କ ଜୀବନକୁ ତୁଚ୍ଛ କରି ଗାଁ ଗାଁ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ସହ ସେମାନେ କିଭଳି କୋଭିଡ ମୁକ୍ତ ରହିପାରିବେ ତାହାର ବାଟ ବତାଉଛନ୍ତି । ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ଜିଲ୍ଲାରେ କୋଭିଡ ପ୍ରୋଟୋକଲ ପାଳନ ସହିତ ପିଡିତ ମାନଙ୍କୁ ଯେମିତି ତ୍ୱରିତ ସ୍ୱାସ୍ଥ ସେବା ଯୋଗାଇ ଦିଆଯାଇ ପାରିବ ତାହାର ତଦାରଖ କରୁଛନ୍ତି । ତେବେ ଲୋକଙ୍କର ଏହି ବିପତି ସମୟରେ ନେତାଙ୍କ ଦେଖା ମିଳୁନି । ଜନ ପ୍ରତିନିଧି ହୁଅନ୍ତୁ କି ରାଜନେତା ହୁଅନ୍ତୁ କୋଭିଡ ମହାମାରୀ ସହ ଜିଲ୍ଲାରୁ ଏକ ପ୍ରକାର ଉଭାନ ହୋଇ ଯାଇଛନ୍ତି । କିଛି ନେତା ନିର୍ବାଚନ ମଣ୍ଡଳୀରେ ସେମାନଙ୍କ ପତିଆରା ଜାହିର କରିବାକୁ ଏବେ ସାମାଜିକ ଗଣ ମାଧ୍ୟମକୁ ଆଶ୍ରା କରିଛନ୍ତି । ସରକାରୀ କାର୍ଯ୍ୟକ୍ରମ ଏବଂ ବ୍ୟବସ୍ଥାର ଶ୍ରେୟ ନେବା ସକାସେ ସୋସିଆଲ ମିଡିଆରେ ଲମ୍ବା ଭାଷଣବାଜି କରୁଛନ୍ତି । ଯାହାକି ଲୋକଙ୍କ କଟାଘାରେ ଚୁନ ବୋଳିବା ସଦୃଶ ହୋଇଛି । କୋଭିଡ ମହାମାରୀ ଏବଂ ତତଜନିତ ଲକଡାଉନ,ସଟଡାଉନ କଟକଣା ଅଧିକାଂଶ ଲୋକଙ୍କ ମୁହଁରୁ ଦାନା ଛଡେଇ ନେଇଛି । ଜୀବନ ଜିବିକା ହରାଇ ଲେକେ ଭୋକ ଉପାସରେ ଦିନ କାଟୁଛନ୍ତି । ହେଲେ ଏଭଳି ଦୁର୍ଦ୍ଧିନରେ ସେମାନଙ୍କୁ ଆଶ୍ୱାସନା ଦେବାକୁ ନା ନେତାଅଛନ୍ତି ନା ଜନ ପ୍ରତିନିଧି । ନିଜେ ବଂଚିଲେ..ରୀତିରେ ନେତାଏ ଲୋ୍କଙ୍କର ଏହି ବିପତି ବେଳେ ଉଭାନ ହୋଇ ଯାଇଛନ୍ତି । ଯାହାକି ଏବେ ଜନ ମାନସରେ ଚର୍ଚ୍ଚାର ବିଷୟ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ବଢୁଛି ...

ଯେତେ ଶୀଘ୍ର ଆମେ ଭ୍ୟାକ୍ସିନେସନ ସାରିବା ସେହି ଅନୁପାତରେ ମୃତ୍ୟୁହାର କମିବ। ଆମେ ଧୀରେ ଧୀରେ ଆଇସିୟୁ ବଢ଼ାଉଛୁ। ଆଜି ବି କିମ୍ସ ହସ୍ପିଟାଲରେ ଆଇସିୟୁ ବଢ଼ାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ଲାକ ଫଙ୍ଗସ ଥିଲା, ହ୍ୱାଇଟ ଫଙ୍ଗସ୍ ବି ପୂର୍ବରୁ ରହିଥିଲା। ଲୋକ ମାନେ ଭୟଭୀତ ହୁଅନ୍ତୁ ନାହିଁ। ମାଲେରିଆ, ଯକ୍ଷ୍ମା ଭଳି ବ୍ଲାକ ଫଙ୍ଗସକୁ କେବଳ ନୋଟିଫାଏଡ୍ ଡିଜିଜି ବୋଲି ଘୋଷଣା କରାଯାଇଛି। ସମସ୍ତ ନୋଟିଫାଏଡ୍ ଡିଜିଜି ମହାମାରୀ ନୁହେଁ। ଅର୍ଥାତ ଯେଉଁଠି ରୋଗୀ ଚିହ୍ନଟ ହେବେ ତୁରନ୍ତ ସରକାରଙ୍କୁ ଜଣାଇବେ। ଆମ ରାଜ୍ୟରେ ୧୦ ଜଣ ଭିତରେ ବ୍ଲାକ ଫଙ୍ଗସ ସନ୍ଦିଗ୍ଧ ଚିହ୍ନଟ ହୋଇଛନ୍ତି।

### କୋଭିଡ୍ ମୃତକଙ୍କୁ ...

ତଥାପି ନିଜ ଲୁହକୁ ଲୁଚାଇ ରଖି ସେ ହାତ ଯୋଡ଼ି ନିଜର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ବାରାଣସୀର ଡାକ୍ତର ଓ ସମ୍ମୁଖଯୋଦ୍ଧାଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ମୋଦି ଆଜି ଆଲୋଚନା କରିଛନ୍ତି। ଏହି ସମୟରେ ସେ କହିଥିଲେ ଯେ ଏହି ଭାଇରସ ଆମର ଅନେକ ଲୋକଙ୍କୁ ଛଡ଼ାଇ ନେଇଛି। ମୁଁ ସେମାନଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି। ମୃତକଙ୍କ ସଦଗତି କାମନା କରୁଛି। ଅନେକ ପ୍ରଚେଷ୍ଟା ସତ୍ତ୍ୱେ ଭାଇରସର ତା'ର କରାଳରୂପ ଦେଖାଇ ଚାଲିଛି। ଅନେକ ମୂଲ୍ୟବାନ ଜୀବନ ମଧ୍ୟ ଆମେ ହରାବାରେ ଲାଗିଛୁ। ଏହା କହିବା ବେଳେ ସେ କିଛି ସମୟ ଅଟକିବା ସହ ତାଙ୍କ ଓଠ ମଧ୍ୟ ଥରିଥିଲା। ତାଙ୍କ ଆଖିରେ ଲୁହ ଆସିଥିଲେ ହେଁ ସେ ଏହାକୁ ଅଟକାଇ ନିଜର ଉଦବୋଧନ ଉପସ୍ଥାପନ କରିଥିଲେ। ମୋଦି ଏହି ଉଦବୋଧନ ବେଳେ ନୂଆ ସ୍ଲୋଗାନ ଦେଇଛନ୍ତି। ସେ କହିଛନ୍ତି, ଯେଉଁଠି ରୋଗ, ସେଇଠି ଚିକିତ୍ସାକୁ କାର୍ଯ୍ୟ କରିବା ଦରକାର। ଏହାଦ୍ୱାରା ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ କମ ପଡ଼ିବ ଓ କରୋନା ଦ୍ୱିତୀୟ ୱେଭକୁ ମଧ୍ୟ ରୋକାଯାଇ ପାରିବ। ଅନେକ କାମ କରାଯାଉଛି। କିନ୍ତୁ ଆମକୁ ପୂର୍ବାଞ୍ଚଳର ଗାଁ ଗୁଡ଼ିକ ଉପରେ ଫୋକସ କରିବାକୁ ପଡ଼ିବ। ଗାଁରେ ସଂକ୍ରମଣ ଯେମିତି ନ ବ୍ୟାପିବ, ତା'କୁ ନିଶ୍ଚିତ କରିବାକୁ ମୋଦି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ମୋଦି ଏଠାରେ ଘର ଦ୍ୱାରରେ ଲୋକଙ୍କୁ ଚିକିତ୍ସା ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

### ଜୀବନ ଓ ଜୀବିକା ...

ହସ୍‌ପିଟାଲ୍‌କୁ କାର୍ଯ୍ୟକାରୀ କରିବା ନିମନ୍ତେ ସମସ୍ତ ଖର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ବହନ କରାଯିବ। ଏହି ହସ୍‌ପିଟାଲ୍ ର ସମସ୍ତ ଶଯ୍ୟାରେ ଅମ୍ଳଜାନ ସଂଯୁକ୍ତ କରାଯିବ, ଏବଂ ଆବଶ୍ୟକତା ଅନୁଯାୟୀ ଏହାର କ୍ଷମତା ବୃଦ୍ଧି କରାଯିବ ବୋଲଇ ମୁଖ୍ୟମନ୍ତ୍ରୀ କହିବା ସହ ଏହି କୋଭିଡ୍ ଯତ୍ନ ସୁବିଧା କେନ୍ଦ୍ର ପାଇଁ ରାଜ୍ୟ ସରକାରଙ୍କୁ ସହଯୋଗ କରିଥିବାରୁ ଭୁବନେଶ୍ୱରର ସମ୍ ହସ୍‌ପିଟାଲ୍‌କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ସାଂସଦ ପିନାକୀ ମିଶ୍ର, ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଂଜୟ କୁମାର ଦାସବର୍ମା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର, ସମ ହସ୍‌ପିଟାଲ୍ ର ସୁପରିଟେଣ୍ଡେଂଟ ଡା. ପି. ସାମନ୍ତସିଂହାର ଏହି ଅବସରରେ ଉପସ୍ଥିତ ଥିବାବେଳେ ପୁରୀ ଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

### ୨ ଗଜ ନୁହେଁ ...

ସେଣ୍ଟ୍ରାଲ ଏୟାର ଫିଲ୍ଟରରେ ସୁଧାର କରିବା ଆବଶ୍ୟକ। ଏସବୁ ସ୍ଥାନରେ ଗ୍ଲୋବାଲ୍ ଫ୍ୟାନ ସିଷ୍ଟମ ଓ ରୁଫ୍ ଭେଣ୍ଟିଲେଟର ରଖିବା ପାଇଁ ଆଡଭାଇଜରୀ ଜାରୀ କରାଯାଇଛି। କରୋନା ମହାମାରୀ କାଶ କିମ୍ବା ଛିଙ୍କରେ ଆସୁଥିବା ଡ୍ରପଲେଟସ୍‌ରେ ଅଧିକ ବ୍ୟାପିଥାଏ। ଏହା ବାୟୁରେ ୧୦ମିଟର ଦୂରତା ପର୍ଯ୍ୟନ୍ତ ଗତିକରିପାରେ। ତେଣୁକରି ନୂଆ ଗାଇଡଲାଇନ ଅନୁସାରେ ସଂକ୍ରମିତ ବ୍ୟକ୍ତି ଭଲ ହେଇଯିବା ପରେ ବି ସେମାନଙ୍କ ଠାରୁ ଦୂରତା ବଜାଇ ରଖନ୍ତୁ। କାହିଁକି ନା ସେମାନଙ୍କ ଡ୍ରପଲେଟ୍ସରେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଥାଏ। ତେଣୁକରି ଡବଲ୍ ମାସ୍କ ପିନ୍ଧନ୍ତୁ କିମ୍ବା ଏନ୍-୯୫ର ମାସ୍କ ହିଁ ପିନ୍ଧନ୍ତୁ। କୋଭିଡ-୧୯ର ଭାଇରସ୍ ଖୋଜେ ମଣିଷର ଶରୀର। ଯଦି ଏହା ମଣିଷ ଶରୀର ପର୍ଯ୍ୟନ୍ତ ପହଂଚିନପାରେ ତାହାଲେ ଏହା ନଷ୍ଟ ହୋଇଯାଏ। ତେଣୁକରି ସମସ୍ତଙ୍କୁ ସଂକ୍ରମଣଠାରୁ ବଂଚିବା ପାଇଁ ଖୋଲା ଓ ଶୁଦ୍ଧ ପବନ ଯାତାୟତ କରୁଥିବା ସ୍ଥାନ, ସାମାଜିକ ଦୂରତା, ଡବଲ୍ ମାସ୍କ ଓ ଘରେ କିମ୍ବା କାର୍ଯ୍ୟାଳୟରେ ସଂମ୍ପୂର୍ଣ୍ଣ ଭେଣ୍ଟିଲେସନରେ ରହିବା ଜରୁରୀ। ଏହିସବୁ ଗାଇଡ୍‌ଲାଇନ୍‌କୁ ସଠିକ୍ ଭାବରେ ମାନିଲେ ଆମେ କରୋନାକୁ ହରାଇପାରିବା।

### ଚୋରା ମଦ କାରବାର ...

ଜବତ ହୋଇଛି ଓ ଏସମସ୍ତ ଘଟଣାରେ ପୁଲିସ ୭୬ଜଣଙ୍କୁ ଗିରଫ କରିଛି। ଏହାବ୍ୟତୀତ ସାବରଙ୍ଗ ଥାନା ଅଞ୍ଚଳରେ ୨୧ଟି ମାମଲାରେ ୨୧ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ଠାରୁ ୪୫୯ଲିଟର ଦେଶୀମଦ, ୨୧ଲିଟର ବିଦେଶୀ ମଦ ଜବତ ହୋଇଛି। ଅନୁରୂପ ବାସୁଦେବପୁର ଥାନା ଇଲାକାରେ ୨୮ଟି, ନାୟକାଣୀଡିହ ଥାନା ଇଲାକାରେ ୪୨ଟି, କଶିଆ ସାମୁଦ୍ରିକ ଥାନାରେ ୧୧ଟି, ଚୁଡାମଣି ସାମୁଦ୍ରିକ ଥାନା ପକ୍ଷରୁ ୨୦ ଟି, ଧାମନଗର ଥାନା ପକ୍ଷରୁ ୨୫ଟି, ଭଣ୍ଡାରିପୋଖରୀ ଥାନା ପକ୍ଷରୁ ୧୯ଟି, ଧୁଷୁରୀ ଥାନା ପକ୍ଷରୁ ୧୭ଟି, ବନ୍ତ ଥାନା ପକ୍ଷରୁ ୧୬ଟି, ଆଗରପଡା ଥାନା ପକ୍ଷରୁ ୨୦ଟି, ଚାନ୍ଦବାଲି ଥାନା ପକ୍ଷରୁ ୨୪ଟି, ତିହିଡି ଥାନା ପକ୍ଷରୁ ୨୫ଟି, ପୀରହାଟ ଥାନା ପକ୍ଷରୁ ୧୦ଟି, ବାଂଶଡା ଥାନା ପକ୍ଷରୁ ୧୯ଟି ଓ ଧାମରା ଥାନା ପକ୍ଷରୁ ୯ଟି ମାମଲା ରୁଜୁ କରାଯାଇ ବହୁ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ୍ କରାଯାଇଛି। ଜିଲ୍ଲା ଅବକାରୀ ବିଭାଗ ଏହି ଚୋରା କାରବାର ରୋକିବା ଦିଗରେ ବିଫଳ ହେଉଥିବାବେଳେ, ଜିଲ୍ଲା ପୁଲିସ ପକ୍ଷରୁ ଏଦିଗରେ ନେଉଥବବା ପଦକ୍ଷେପ ନିଶ୍ଚିତ ପ୍ରଶଂସନୀୟ। ତେବେ ମଦ ଓ ନିଶା କାରବାର ବିରୋଧରେ ପୁଲିସ ଆରମ୍ଭ କରିଥିବା ଅଭିଯାନକୁ ଆହୁରି ଅଧିକ କ୍ରୀୟାଶୀଳ କରାଯିବ ବୋଲି ଜିଲ୍ଲା ପୁଲିସ ପକ୍ଷରୁ ସୂଚନା ଦିଆଯଯାଇଛି।

### ବିନା ପାରିଶ୍ରମିକରେ ...

ସବୁଦିନ ଏହି କାର୍ଯ୍ୟ କରୁଥିଲେ ବି ସେ କେବେ ହାରି ଯାଇ ନାହିଁ, ହେଲେ ତା'ର ଗୋଟିଏ ଠେଲା ଟଲି ନଥିବାରୁ ହଇରାଣ ହୋଇଥାଏ। ଏହି ଦୋକାନ ବଜାର ଓ ରାସ୍ତା ଘାଟ ସଫା କରିବାରେ ବିନ୍ଧାଣୀ ଥିବା ନୃସିଂହ ମଲ୍ଲିକଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଦେବୀପ୍ରସନ୍ନ ଟାଳି ବହୁତ ଖୁସି ହେବା ସହିତ ଏକ ବିଜୁ ପକ୍କାଘର ପ୍ରଦାନ କରିଥିଲେ । କୌଣସି ସଂସ୍ଥା ମୋତେ ଆର୍ଥିକ ସାହାଯ୍ୟ ପ୍ରଦାନ କଲେ ଏବଂ ସରକାରୀ ବାବୁମାନଙ୍କ ଆଶୀର୍ବାଦ ରହିଲେ ମୁଁ ଏକ ଠେଲା ଟଲି କରିପାରିଲେ ସଫା କରିବାରେ ମୋତେ ସୁବିଧା ମିଳନ୍ତା । ରଘୁନାଥପୁର ଅଞ୍ଚଳଟିକୁ ପୌରପାଳିକା ଭାବେ ଘୋଷଣା କରିବାକୁ ବୁଦ୍ଧିଜୀବୀ ମହଲରେ ଦୀର୍ଘବର୍ଷ ଧରି ଦାବୀ ହୋଇ ଆସୁଥିଲେ ବି ଏପର୍ଯ୍ୟନ୍ତ ହୋଇପାରିନାହିଁ । ଫଳରେ ନାଳ ନର୍ଦ୍ଦମା ପାଣିଗୁଡିକୁ ସଫାକରିବାରେ ଡ୍ରେନଜର ସୁବିଧା ମଧ୍ୟ ଏଠାରେ ନାହିଁ । କଟକ-ପାରାଦ୍ୱୀପ ରାସ୍ତାର ମୁଖ୍ୟସ୍ଥଳ ଏହି ଅଞ୍ଚଳଟି ହୋଇଥିଲେ ବି ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା ଏ ପର୍ଯ୍ୟନ୍ତ କରାଯାଇପାରିଲା ନାହିଁ । ଏପରି ଏକ ବିନ୍ଧାଣୀକୁ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗର ହାତବଢ଼ାଇବାକୁ ଜିଲ୍ଲା ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିକଟରେ ଏ ଅଞ୍ଚଳର ମୁରବୀ ଓ ବୃଦ୍ଧିଜୀବୀ ମହଲ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବି ଜଣାଇଲେ ବିଜେପି ବିଧାୟକବୃନ୍ଦ

# 'ଓଡିଶାର ଗ୍ରାମାଞ୍ଚଳରେ କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କର'

**ଭୁବନେଶ୍ୱର :** ଓଡିଶାର ଗ୍ରାମାଞ୍ଚଳ ତଥା ଆଦିବାସୀ ବହୁଳ ଅନୁନ୍ନତ ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନେବାକୁ ଦାବୀ ଜଣାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବୀ ଜଣାଇଛନ୍ତି ବିଜେପି ବିଧାୟକବୃନ୍ଦ। ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ବିଜେପି ବିଧାୟକଗଣ ଦାବୀ ଜଣାଇ କହିଛନ୍ତି ଯେ, ରାଜ୍ୟର ଗ୍ରାମାଂଚଳରେ ଥିବା ସବ୍ ସେଂଟର / ପିଏଚସି / ପିଏଚସି (ନୂତନ) / ସିଏଚସିଗୁଡିକର ଭିତିଭୂମି ସୁଦୃଢ କରି ଡୋର ଟୁ ଡୋର ବ୍ୟାପକ ଟେଷ୍ଟିଂ ଓ ଟ୍ରେସିଂର ବ୍ୟବସ୍ଥା କରାଯାଉ । ରାଜ୍ୟରେ ସିଏଚସିମାନଙ୍କରେ ଗ୍ରାମାଂଚଳର କୋଭିଡ୍ ସଂକ୍ରମିତଙ୍କ ପାଇଁ ଜରୁରୀକାଳିନ ଚିକିତ୍ସା ଯୋଗାଇବା ପାଇଁ ଅତି କମ୍ ରେ ୨୦ଟି ଶଯ୍ୟାର ବ୍ୟବସ୍ଥା କରି ଆବଶ୍ୟକ ଡାକ୍ତର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କର୍ମଚାରୀଙ୍କ ବ୍ୟବସ୍ଥା କରାଯାଉ । ଜିଲ୍ଲାସ୍ତରୀୟ କୋଭିଡ୍ କେୟାର ସେଂଟର କେବଳ ଶଯ୍ୟା କିଣାରେ ସୀମିତ ନରହି ଆବଶ୍ୟକୀୟ ଡାକ୍ତର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ କର୍ମଚାରୀଙ୍କ ବ୍ୟବସ୍ଥା କରାଯାଉ । ବିଳମ୍ବ ନକରି ଅକ୍ସିଜେନ, ଭେଂଟିଲେଟରଯୁକ୍ତ ଶଯ୍ୟା ଓ ଆଇସିୟୁ ଯୁକ୍ତ ଶଯ୍ୟାର ବ୍ୟପକତତାକୁ ପ୍ରାଥମିକତା ଦିଆଯାଉ । ବୈଷୟିକ କର୍ମଚାରୀଙ୍କ ଅଭାବ କାରଣରୁ ଜିଲ୍ଲା / ମେଡିକାଲ କଲେଜ / ପିଏଚସି / ସିଏଚସି ସ୍ତରରେ ପଡି ରହିଥିବା ମେଡିକାଲ ଯନ୍ତ୍ରପାତି ବ୍ୟବହାର ହୋଇପାରୁନାହିଁ ଏବଂ ରୋଗୀମାନେ ମୃତ୍ୟୁବରଣ କରୁଛନ୍ତି । ଭେଂଟିଲେଟର ଅପରେଟର. ଅକ୍ସିଜେନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଯନ୍ତ୍ରପାତି ବ୍ୟବହାର ପାଇଁ ଆବଶ୍ୟକ ହେଉଥିବା ବୈଷୟିକ କର୍ମଚାରୀ ଯୁଦ୍ଧକାଳୀନ ଭିତିରେ ନିଯୁକ୍ତି କରାଯାଉ । ଗ୍ରାମାଂଚଳରେ ଖାଲି ପଡିରହିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରାଯାଉ । ଗ୍ରାମାଂଚଳରେ କୋଭିଡ୍ ଭୂତାଣୁରେ ସଂକ୍ରମିତ ବହୁ ପରିବାରରେ ସଂଗରୋଧରେ ରହିବାର ଉପଯୁକ୍ତ ବ୍ୟବସ୍ଥା ନଥିବାରୁ ପଂଚାୟତ ସ୍ତରରେ କାର୍ଯ୍ୟକ୍ଷମ ନଥିବା ଟିଏମସି ଏବଂ ସଂଗରୋଧ ଗୃହକୁ ପୁନଃ କାର୍ଯ୍ୟକ୍ଷମ କରାଯାଉ । ଗ୍ରାମ / ପଂଚାୟତସ୍ତରରେ ସ୍ଥାନୀୟ ଲୋକପ୍ରତିନିଧି / ଏନଜିଓ / ସ୍ୱାସ୍ଥକର୍ମୀ ଆଦି ବ୍ୟକ୍ତି ବିଶେଷଙ୍କୁ ନେଇ କୋଭିଡ୍ କ୍ରାଇସିସ୍ ମ୍ୟାନେଜମ୍ୟାଂଟ କମିଟି ଗଠନ କରି ଟିଏମସି / ସଂଗରୋଧ ଗୃହର ସୁପରିଚାଳନା ଦାୟିତ୍ୱ ଦେବା ସହ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରି ଗୁରୁତର ରୋଗୀଙ୍କୁ ଜିଲ୍ଲାସ୍ତର ବା ରାଜ୍ୟସ୍ତର କୋଭିଡ୍ କେୟାର ସେଂଟରକୁ ପଠାଇବାର ଦାୟିତ୍ୱ ଦିଆଯାଉ । କୋଭିଡ୍ କ୍ରାଇସିସ୍ ମ୍ୟାନେଜମେଂଟ କମିଟିର ତତ୍ତ୍ୱାବଧାନରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଗ୍ରାମ ପଂଚାୟତ ସ୍ତରରେ ବ୍ୟାପକ ଟୀକାକରଣର ବ୍ୟବସ୍ଥା କରାଯାଉ । କୋଭିଡ୍ ସଂକ୍ରମିତ ବ୍ୟକ୍ତିର ମୃତ୍ୟୁ ସମ୍ବନ୍ଧୀୟ ପ୍ରକୃତ ତଥ୍ୟକୁ ସରକାର ଲୁଚାଉ ଥିବାରୁ ଜନସାଧାରଣଙ୍କ ମନରେ ଅସନ୍ତୋଷର ନିଆଁ ବଢିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ କୋଭିଡ୍ ସଫଳ ମୁକାବିଲା କରିବା ପାଇଁ ମିଥ୍ୟା ତଥ୍ୟର ଆଦାର ଉପରେ ଯୋଜନା କଲେ ତାହା କୋଭିଡ୍ ମୁକାବିଲା ପାଇଁ ଫଳପ୍ରଦ ହେବ ନାହିଁ । ରାଜ୍ୟ ସରକାର ବିଜ୍ଞାନ ସମ୍ମତ ତଥ୍ୟ ଉପରେ କୋଭିଡ୍ ମୁକାବିଲା ପାଇଁ ଗ୍ରାମାଂଚଳ ଓ ଆଦିବାସୀବହୁଳ ଅନୁନ୍ନତ ଅଂଚଳରେ ତ୍ୱରିତ ପଦକ୍ଷେପ ନିଅନ୍ତୁ । ରାଜ୍ୟ ଜନସାଧାରଣଙ୍କୁ ବିଶ୍ୱାସକୁ ନେଇ ଉପରୋକ୍ତ ଦାବୀ ମୁତାବକ ପଦକ୍ଷେପ ନେଇ ଗ୍ରାମାଂଚଳର କୋଡ଼ିଡ୍ ମୁକାବିଲା କରିବା ପାଇଁ ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ବିଧାୟକ ମୋହନ ଚରଣ ମାଝୀ କହିଛନ୍ତି । ଏହି ଅବସରରେ ଡ.ମୁକେଶ ମହାଲିଙ୍ଗ, ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, କେ.ନାରାୟଣ ରାଓ, ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

# ଯତମତ ସେତେ ପଥ.....



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଶ୍ରୀରାମକୃଷ୍ଣ ଦେବତାଙ୍କୁ ବହୁ ପ୍ରଶ୍ନର ଉତ୍ତର ଦେବାକୁ ସର୍ବଦା ପଡୁଥିଲା। ସେ ସଂକ୍ଷିପ୍ତରେ ଧର୍ମଶାସ୍ତ୍ର ବିବରଣୀ ଉପରେ ଥରେ କହିଥିଲେ 'ଯତ୍‌ମତ୍‌ ସେତେପଥ'। ଗୁରୁମାନେ ତାଙ୍କ ସାଧନାରେ ଅନୁଭୂତି ଅର୍ଜନରେ ବିଗତ କାଳରେ ଭୋଗିଥିବା ବା ଅଙ୍ଗେ ଲିଭାଇଥିବା ଘଟଣାବଳୀକୁ ଏକ ମୋଟା ଅଭିଧାନ ପରି ମାନସପଟ୍ଟରେ ଲିପିବଦ୍ଧ କରି ରଖିଥାନ୍ତି। ଏଇଟା ତାଙ୍କର ସମ୍ପଦ। ଶିକ୍ଷାର୍ଥୀର ଆବଶ୍ୟକ ବେଳେ ଯେପରି ଅଭିଧାନ ଆବଶ୍ୟକ କରେ ସେପରି ସେ ଗୁରୁ ତାଙ୍କର ଅର୍ଜନ ଓ ସାଇତି ରଖିଥିବା ମାନସ ଅଭିଧାନରୁ ଶିଷ୍ୟର ବା ଚେଲାର ଉତ୍ତର ଯଥାର୍ଥ ଦେଇପାରନ୍ତି। ଯୁକ୍ତି ଅନେକ ପ୍ରକାର ହୋଇପାରେ, ପ୍ରସଙ୍ଗ ଭିତ୍ତିକ ଯୁକ୍ତି ପାଇଁ ସିମିତ ସଂଖ୍ୟକ ଉତ୍ତର ପାଇଁ, ପ୍ରତି ଗୁରୁଙ୍କ ଅଭିଧାନରେ ରହିଥାଏ। ମାତ୍ର ଅପ୍ରାସଙ୍ଗିକ ବିଷୟରେ ଯଦି ପ୍ରଶ୍ନ ଆସେ ନିଶ୍ଚେ ତାଙ୍କ ବ୍ୟକ୍ତିତ୍ୱ ହଲଚଲ ହୋଇପାରେ। ସଂସାରରେ ଅନେକ ପ୍ରକାର ମନୁଷ୍ୟ, ପଶପୁକ୍ଷୀ, ବୃକ୍ଷଲତା, ନଦୀ ପର୍ବତ ଓ କ୍ଷେତ୍ର ରହିଛି। ନଦୀଟିଏ ବହି ଯାଉଛି ସାଗରଟିଏ ବଡ଼ ସ୍ଥାନ ଧରି ରହିଛି। ବହୁ ଉଚ୍ଚ ସ୍ଥାନର ବାସିନ୍ଦା ଗ୍ରାମ ବାସିନ୍ଦା ସହରି ବାସିନ୍ଦା ଶସ୍ୟକ୍ଷେତ୍ର ମଧ୍ୟରେ ବାସିନ୍ଦା ଏକ ଟାପୁ ବାସିନ୍ଦା ସମସ୍ତଙ୍କ ଜୀବନ ଧାରଣର ମାନ ଆଚାର ବ୍ୟବହାର ଏକ ନୁହଁ। ଅନିସିନ୍ଧୁସୁ ମନୁଷ୍ୟ କିଛି ରହସ୍ୟ ଭେଦ ପାଇଁ ମହାସାଗର ଡେଇଁ ଏକ ପାଖରୁ ଅନ୍ୟ ପାଖକୁ ଯିବାକୁ ଚେଷ୍ଟା କରିଛି। ଏଥିରେ ଏକ ସ୍ଥାନର ଚାଲିଚଳନ ଭାଷା ଅନ୍ୟ ସ୍ଥାନରେ ନଥିବାରୁ ଅନେକ ଅସୁବିଧାର ସମ୍ମୁଖିନ ନିଶ୍ଚେ ହେବାକୁ ହୋଇଥିବ। କଲମ୍ବସ, ଭାସ୍କୋଡାଗାମା କ୍ୟାପଟେନକୁକ୍‌ ପରି ଯାହାଜିଆ ପ୍ରତ୍ୟକ୍ଷ କଷ୍ଟ କେମିତି ଭୋଗିନଥିବେ। ଜବ ଚାଣ୍ଡକ କହିବାକୁ ଆସି ପ୍ରଥମେ କଲିକତା ନାମ ତିଆରି କରିଛନ୍ତି। ସାଧାରଣ ମନୁଷ୍ୟର କଥିତ ବଙ୍ଗ ଭାଷାରେ କଥିତ ଇଂରାଜୀ ଭାଷା ମଧ୍ୟରେ କି ପ୍ରକାର ବୁଝାମଣା ହୋଇପାରେ ବିମ୍ରିଶ ଜାତି ବଙ୍ଗରାଜ୍ୟରେ ସ୍ଥାୟୀ ବାସିନ୍ଦା ହୋଇଯାଇଥିଲେ।

ବର୍ତ୍ତମାନ ଶ୍ରୀଲଙ୍କା ଯଦି ରାବଣଙ୍କ ଲଙ୍କାହୁଏ ଓ ଶ୍ରୀରାମଙ୍କ ବାସ ଅଯୋଧ୍ୟା ଯାହା ବର୍ତ୍ତମାନ ଉତ୍ତର ପ୍ରଦେଶ ହୁଏ ତେବେ ରାମ-ରାବଣଙ୍କ



ଅଞ୍ଚଳ ଭାଷା ହିନ୍ଦୀ-ସିଂହଳୀ ବା ତାମିଲ ମଧ୍ୟରେ କେମିତି ବୁଝାମଣା ହୋଇଥିବ। ଦୁଇ ଭାଷା ବୁଝିବାରେ ତୃତୀୟ ପକ୍ଷର ନିଶ୍ଚେ ଆବଶ୍ୟକ ଯେ ଦୋଭାଷୀଜ୍ଞାତା ଏ ପାଇଁ କିଷ୍କିନ୍ଦା ବାସୀଙ୍କ ସହାଯ୍ୟ ଶ୍ରୀରାମ ନେଇଥିଲେ। ସମରର ଭୟାଭହତାର ରୂପରେଖର କିଛି ବୟାନ। କିଛି ସନ୍ଦର୍ଶନ ଶ୍ରୀରାମ ନିଶ୍ଚେ ଜାହିର କରିଛନ୍ତି। ହନୁମାନ, ଅଙ୍ଗଦ, ଶ୍ରୀରାମଙ୍କ ତରଫ ହୋଇ ରାବଣଙ୍କ ଦରବାରରେ ହୈଚେ ପକାଇଛନ୍ତି। ରାବଣ ବୁଝିବା ପରି ରାମଙ୍କର କଥା ରାବଣଙ୍କୁ କହିଲେ ବି ଭାଷାଜ୍ଞାନ, ନିଜର ଅହମିକାରେ ରାବଣ ତତ୍‌କାଳ ଶ୍ରୀରାମଙ୍କୁ ହାସ୍ୟ କରିଛନ୍ତି। କାଳଜ୍ଞାନ ବିଶେଷଜ୍ଞାନ। ବାର ବର୍ଷ ରାଜଦଣ୍ଡ ଆଉ ତେର ବର୍ଷ ଅଜ୍ଞାତ ବନବାସ ଏହା ଗଣିତ ଜ୍ୟୋତିଷର ଗଣନା ସାବ୍ୟସ୍ତ ସମ୍ବତ୍ସର ପଦ୍ଧତି। ୧ ସମୟରେ ସାଲ, ସମ୍ବତ୍‌, ଶକାବ୍ଦଃ ବାର୍ହ୍ୟସ୍ୱତ୍ୟମାନ, ଚାନ୍ଦ୍ରମାନ, ନକ୍ଷତ୍ରମାନ, ସୌରମାନ ବର୍ଷ ଲାଗୁଛି। ୩୬୫ ଦିନ ୧୫ ଦଣ୍ଡ, ୩୬୦ ଦିନ, ୩୫୪ ଦିନ ୩୨୪ଦିନ ବର୍ଷକ ଏକକ ମାନ ବିଭିନ୍ନ ପଦ୍ଧତିରେ ଗଣାଯାଏ। ବୃହସ୍ପତି ଗତିରୁ ୬୦ ସମ୍ବତ୍ସର ଗଣନା ପଦ୍ଧତି ଅଛି। ଏଥିରେ ଲୁପ୍ତ ସମ୍ବତ୍ସର ଗଣନା ଧାରା ଅଛି ପ୍ରତି ୪ ବର୍ଷରେ ୧ ଅଧିମାସ କ୍ଷୟମାସ ଅଛି। ଅତଏବ ୧୨ବର୍ଷ କହିଦେଲେ ୧୩ ବର୍ଷ କହିଦେଲେ କେଉଁ ତାରିଖରୁ କେଉଁ ତାରିଖ ଧାର୍ଯ୍ୟ ନିହାତି ଦରକାର ଏହି ପଦ୍ଧତିରେ ଦୁର୍ଯ୍ୟୋଧନଙ୍କୁ ଭ୍ରମରେ ପଡ଼ିବା ହୋଇଥିଲା। ରାଜକାର୍ଯ୍ୟ ପାଇଁ ଅନେକ ବିଜ୍ଞମତ ନିଶ୍ଚେ ଆବଶ୍ୟକ ଏଥିପାଇଁ ବହୁ ଅଭିଜ୍ଞ କାଳଜ୍ଞାନୀ ଦରବାରରେ ରହିଥାନ୍ତି ଦରକାର ହେଲେ ପୁଣି ସାମୟିକ ଖୋଜାଯାଆନ୍ତି। ଆମର ହୀରାକୁଦ ବନ୍ଧ ନିର୍ମାଣ ହୋଇଛି। ନିର୍ମାଣରେ ବ୍ୟବହୃତ ସାମଗ୍ରୀର ପରମାୟୁ ଓ ପରସ୍ପର ସଂଯୋଗରେ ରହିଥିବା ରଡ଼ ସିମେଣ୍ଟ, ଗୋଡ଼ି, ଜଳର ଚାପ ଓ ସୂର୍ଯ୍ୟଙ୍କ ପ୍ରଖର କିରଣ ଓ ଥଣ୍ଡା ମୌସମରେ ସଂକୁଚିତ ପ୍ରସାରିତ ଧାରା ଏସବୁ ସହିତ ଉପରୁ ଗଡ଼ି ଆସୁଥିବା ପଥର ବାଲିଗରଡା ବାଲି କାଦୁଅ ଭାସମାନ ବୃକ୍ଷାଂଶ ଜୀବାଂଶ ଉପରପଟରେ ଚାପ ଏସିଡ଼ିକ ପ୍ରକ୍ରିୟା ଜାହିର କରୁଥିବ। ଏଥିରେ ବନ୍ଧଟିର ପରମାୟୁ ବିଷୟରେ ଚିନ୍ତା କରି କରିଥିବା ବ୍ୟକ୍ତିକ ଶେଷ ବ୍ୟକ୍ତିର ସିଦ୍ଧାନ୍ତ କେବେ ରାଜକାର୍ଯ୍ୟରତ ବ୍ୟକ୍ତିମାନେ ଭାବିବା ଉଚିତ ନୁହଁ। ପଛକୁ ପଛ ଆହୁରି ଜ୍ଞାନୀ ଅଭିଜ୍ଞଙ୍କୁ ଏ ବିଷୟରେ ପଚାରି ବୁଝି କାର୍ଯ୍ୟ କରିବା ଦରକାର। ଜଗନ୍ନାଥ ମନ୍ଦିର ନିର୍ମାଣକାରୀ ମନ୍ଦିରର ଏକ ପରମାୟୁ ମୋଟାମୋଟି ନିର୍ଦ୍ଧାରଣ କରିଛନ୍ତି। ବାସ୍ତୁଶାସ୍ତ୍ରରେ ପଥର ଗୃହ ଏକ ହଜାର ବର୍ଷ ପରମାୟୁରେ ଦର୍ଶାଇଛନ୍ତି। ମାତ୍ର ଯେଉଁ ପଥରରେ ଏହା ନିର୍ମିତ ଏ ପଥର ଉପରେ ସୂର୍ଯ୍ୟକିରଣର ତାପ ସବୁଦିନେ ସମାନ ନୁହଁ। ବହୁଦୂରରୁ ଭିଡ଼ି ହୋଇ ଆସୁଥିବା ଋତୁ ଅନୁସାରେ ପବନର ବେଗ ସମାନ ଭାବରେ ସର୍ବଦା ରହୁନାହିଁ। ଯେଉଁଠି ପଥର ପାଟ ପାଟ ରହିଥିବ ହଠାତ୍‌ ବର୍ଷା ହୋଇଗଲେ ପ୍ରବଳ ପ୍ରସାରିତ ରୂପ ହଠାତ୍‌ ସଂକୁଚିତ ହେଲେ ପଥରରେ ଫାଟ ହେବ କି ନାହିଁ? ଟିକେ ଫାଟରେ ଜଳ ପଶିଯିବ। ତାପରେ ଫାଟ ପ୍ରସାରିତ ହେବ। ନିର୍ମାଣର ପରମାୟୁ କମିବ, ମଝିରେ ମଝିରେ ପଥର ଖୁସିଛି। ଏହାର ଅର୍ଥ ସବୁ ପଥରକୁ ଭିଡ଼ି ରଖିବା ପାଇଁ



ଯେଉଁ ଖିଲାଣ ଭିଡାଯାଇଛି ତାହା ପ୍ରବଳ ପବନରେ ସମ୍ପୂର୍ଣ୍ଣ ନିର୍ମାଣରେ କମ୍ପନ କରାଇ ଏ ପରିସ୍ଥିତି ସୃଷ୍ଟି କରୁଛି। ମହାଭାରତରେ ଦୁର୍ଯ୍ୟୋଧନ ଦ୍ୱାରା ପାଣ୍ଡବଙ୍କୁ ଗୁପ୍ତହତ୍ୟା ଆଳୟ ନିର୍ମାଣ କରାଇ କପଟ ମମତା ସ୍ନେହ ପ୍ରଦର୍ଶନ କରି ଚର୍ମକାର ଖଲ୍ୟକାର୍‌ ଦୁଇଟି ଶିଳ୍ପୀଙ୍କ ଦ୍ୱାରା ଜଉଘର କରାଇବା ଜଣାପଡ଼େ। ମାତ୍ର ଭଗବାନ କୃଷ୍ଣ ରାତ୍ରୀ ପାଣ୍ଡବ ମାନଙ୍କୁ ଭୂନିମ୍ନରେ ଏକ ଗୁପ୍ତ ସୁଡ଼ଙ୍ଗ ପଥରେ ବାହାରିଯିବା ପଥ ସହିତ ଏକ ଭୂଗୃହର ନିମ୍ନରେ ଏକ କୋଠରୀ କରାଇଥିଲେ। ପ୍ରକୃତରେ ପ୍ରବଳ ଜ୍ୱଳନଶୀଳ ଜଉଘରେ ଦିନେ ଅଗ୍ନୀ ସଂଯୋଗ ହୋଇଥିଲା ଓ ଶ୍ରୀକୃଷ୍ଣଙ୍କ ବୁଦ୍ଧିରେ ପାଣ୍ଡବମାନେ ରକ୍ଷା ପାଇଥିଲେ। ଆମ ଦେଶରେ ବହୁବିଦ୍ୟା ରହିଛି, ଯାହାକୁ କି ଶିକ୍ଷା ପାଇଁ ଅନ୍ୟ ଦେଶକୁ ଶିକ୍ଷାର୍ଥୀମାନେ ଆସୁଥିଲେ। ମାତ୍ର ଆମ ଦେଶରୁ ବର୍ତ୍ତମାନ ଉଚ୍ଚ ଶିକ୍ଷା ପାଇଁ ବହୁଲୋକ ବିଦେଶ ଯାଉଛନ୍ତି। ଆମ ଦେଶରେ ବହୁବର୍ଷ ଧରି ବିଦେଶୀ ମାନଙ୍କ ଶାସନ ରହିଥିଲା। ସେମାନେ ଏ ଦେଶର ତତ୍କାଳ ଗୁରୁ ଉପଦେଷ୍ଟା ଓ ବିଦ୍ୟାର ଧାରାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ବିଚାରରେ ରହିଥିଲେ। ଶାସନ ମୁଖ୍ୟଙ୍କୁ ବିଜ୍ଞମାନେ ସଦା ଚେତାଇ ପାରିଲେ ଜନମଙ୍ଗଳ ସ୍ଥାନ ମଙ୍ଗଳ ହୋଇପାରିବ।

*ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# ରାମାୟଣ : ରାମକଥା, ଲୋକକଥା ଓ ଚିତ୍ରକଥା




ଡାକ୍ତର ଦିଲ୍ଲୀପ କୁମାର ମହାରଣା

ରାମାୟଣ ହେଉଛି ତ୍ରେତୟା ଯୁଗର କାହାଣୀ। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ତାଙ୍କ ଜୀବନର ପ୍ରତିଟି ବିନ୍ଦୁକୁ ଅତ୍ୟନ୍ତ ଶିକ୍ଷଣୀୟ ଓ ଆଦର୍ଶଣୀୟ କରିଛନ୍ତି। ଆଜିବି ସମଗ୍ର ବିଶ୍ୱରେ ରାମାୟଣର ମୂଲ୍ୟବୋଧ, ପ୍ରାସଙ୍ଗିକତା ଓ ତାତ୍ପର୍ଯ୍ୟତାର ମାର୍ଗ ରହିଛି। ତୁଳସୀ ଦାସଙ୍କ ରାମ ଚରିତ ମାନସରେ ରାମାୟଣର ପ୍ରତିଟି ଚରିତ୍ରମାନେ ପ୍ରତି ଘରେ ଥିବାପରି ଆଜିର ସମୟରେ ମନେହୁଅନ୍ତୁ। ମହାକାବ୍ୟ ରାମାୟଣ ହିଁ ରାମକଥାର ମୂଳଗ୍ରନ୍ଥ। ଏଥିରେ ସମୁଦାୟ ୨୫ ହଜାର ଶ୍ଳୋକ ଅଛି। ଏଥିରେ ବର୍ଣ୍ଣିତ ହୋଇଛି ଶ୍ରୀରାମ କେମିତି କଷ୍ଟକର ପରିସ୍ଥିତିରେ ବି ଧର୍ମ ପାଳନ କରିଛନ୍ତି। ରାମାୟଣ କେବଳ କୁପ୍ରବୃତ୍ତି ଉପରେ ସୁପ୍ରବୃତ୍ତିର ବିଜୟ ନୁହେଁ। ଏଥିରେ ପ୍ରେମ, ବଳିଦାନ, ତ୍ୟାଗ, ସନ୍ନ୍ୟାସ ଓ ବୀରତାର ଭାବ ଅଛି। ରାମାୟଣରେ ଖୁସି ତ୍ୟାଗ କରିବାର ସନ୍ଦେଶ ବି ଅଛି। ଆମ ଜୀବନରେ ଅଭିମାନ ଓ ଅହଂକାର ଅଛି। ରାମାୟଣ ସ୍ୱାଭିମାନୀ ରାମ ଓ ଅଭିମାନୀ ରାବଣର କଥା ଯେଉଁଥିରେ ଶେଷରେ ରାମଙ୍କ ବିଜୟ ହୁଏ।

ରାମକଥା ଶହ ଶହ ବର୍ଷ ଧରି ସନ୍ଥ, କବି, ନାଟ୍ୟକାର ଆଦିଙ୍କ ପାଇଁ ପ୍ରେରଣାସ୍ରୋତ ହୋଇରହିଛି। ସମୟ ସହ ଏଥିରେ ହୋଇଥିବା ପରିବର୍ତ୍ତନ ଯୋଗୁଁ ଆଞ୍ଚଳିକ ରାମକଥା ସୃଷ୍ଟି ହୋଇଛି। ଆଞ୍ଚଳିକ ଭାଷାରେ ସୃଷ୍ଟି ହୋଇଥିବା ରାମକଥାରେ ସ୍ଥାନୀୟ ରୀତି-ନୀତିର ପ୍ରଭାବ ପଡ଼ିଛି। ଏଥିରେ ଆଞ୍ଚଳିକ ଶବ୍ଦ ଓ ବିଶେଷତ୍ୱର ସମାବେଶ ହୋଇଛି। ମୂର୍ତ୍ତିକାର ଚିତ୍ରକାରମାନେ ମଧ୍ୟ ଅନେକ ସମୟରେ ଅନେକ ମାଧ୍ୟମରେ ରାମକଥାକୁ ରଚନାତ୍ମକ ଅଭିବ୍ୟକ୍ତି ଦେଇଛନ୍ତି। ଏହି କାରଣରୁ ଭାରତର ଭିନ୍ନ ଭିନ୍ନ ଅଂଶରେ ରାମାୟଣ ଅନେକ ରୂପରେ ଦେଖିବାକୁ ମିଳେ। ଯେମିତି ସଂସ୍କୃତରେ ବାଲ୍ମୀକି ରାମାୟଣ, ବଙ୍ଗରେ କୃତ୍ତିବାସ-ରାମାୟଣ, ଦକ୍ଷିଣରେ କମ୍ବନ ରାମାୟଣ, ଉତ୍ତରଭାରତରେ ତୁଳସୀ ରାମାୟଣ ଆଦି ପ୍ରମୁଖ। ଲୋକକଥାର ଭିନ୍ନ ଭିନ୍ନ ରୂପରେ କଥାକାର ଓ କଳାକାରମାନେ ରାମକଥାକୁ ଖୁବ୍‌ ଅନନ୍ୟ ଢ଼ଙ୍ଗରେ ଉପସ୍ଥାପିତ କରନ୍ତି। ଉତ୍ତର ଭାରତରେ ଏମିତି ରାମ ଲୋକକଥାର ମୁଖ୍ୟ ରୂପ ହେଉଛି ରାଜସ୍ଥାନର ମୁସଲମାନ ଯୋଗୀ ଓ ମଙ୍ଗନିୟାର ଗାୟକ, ଓଡ଼ିଶାରେ ଦାସକାଠିଆ, ବଙ୍ଗରେ କଥାକ ଓ ପଞ୍ଚାଳୀ, ମଣିପୁରରେ ବାରୀ-ଲୀବା, ଆସାମରେ ଓଜାପଲ୍ଲୀ ଏବଂ ଖୋଗ୍‌ଜୋମ୍‌, କର୍ଣ୍ଣାଟକର ବୈରାଗୀସୀ, ଆନ୍ଧ୍ରପ୍ରଦେଶର କଥାକୁତ୍ତୁ, କେରଳର ଭାରତ ଭଟ୍ଟ। ଆଦିବାସୀ ସମ୍ପ୍ରଦାୟ ଯଥା ଭୀଲ, ସାନ୍ତାଳ, ବୋଡୋ, ଗୋନ୍ଦ, ଖାସୀ, ମିଜୋ, ମିତି ଆଦିରେ ରାମକଥା ବିଭିନ୍ନ ରୂପରେ ପ୍ରଚଳିତ। କାଙ୍ଗଡ଼ା, ମିଥିଳା ଓ ଗୋନ୍ଦ ଜନଜାତିର ରାମାୟଣ ଚିତ୍ରକଳା ବିଶ୍ୱପ୍ରସିଦ୍ଧ। ଅନେକ ପ୍ରାଚୀନ ମନ୍ଦିର ବିଶେଷ କରି ଦକ୍ଷିଣ ଭାରତର ମନ୍ଦିରମାନଙ୍କରେ ରାମାୟଣର ଚିତ୍ର କାନ୍ଥରେ ଖୋଦେଇ ହୋଇଥିବା ଦେଖିବାକୁ ମିଳେ।

ରାମାୟଣ ଉପରେ ଆଧାରିତ ଲୋକନୃତ୍ୟ ନାଟକର ସୂଚୀ ଖୁବ୍‌ ଲମ୍ବା। ଉତ୍ତର ପ୍ରଦେଶରେ ରାମାୟଣ ନୌଟଙ୍କି, ଗୁଜୁରାଟରେ ରାମାୟଣ ଭବାଇ, ମହାରାଷ୍ଟ୍ରର ରାମାୟଣ ତମାସା, ଓଡ଼ିଶାରେ ରାମଲୀଳା, ମଣିପୁରରେ ବୀରଲୀବା, ଆସାମରେ ଅଙ୍କିଆନାଟ୍‌ ଆଦି। ନାଟକ ବ୍ୟତୀତ ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ ରାମାୟଣ ଉପରେ ପର୍ଯ୍ୟବସିତ ଛଉ ନୃତ୍ୟ ବି ଖୁବ୍‌ ଲୋକପ୍ରିୟ। କଣ୍ଢେଇନାଚ ମଧ୍ୟ ରାମାୟଣ ବିଷୟବସ୍ତୁକୁ ନେଇ କରାଯାଏ। ଏଥିରେ ପଶ୍ଚିମବଙ୍ଗର ପୁତୁଲ ନାଚ, ଓଡ଼ିଶାର ରାବଣ ଛାୟା, ଆନ୍ଧ୍ରର ଥୋଲୁବୋମାଲାଟମ୍‌, କର୍ଣ୍ଣାଟକର ଯକ୍ଷଗାନ, ତାମିଲନାଡୁର ଥେରାକୁଟୁୟା, କେରଳର କୁଟିୟାଟମ୍‌ ପ୍ରମୁଖ। ଉତ୍ତର ଭାରତର





ବିଭିନ୍ନ ଅଞ୍ଚଳରେ ରାମ ସଙ୍ଗୀତ ଶାସ୍ତ୍ରୀୟ ରାଗ ଉପରେ ଆଧାରିତ ହୋଇଛି। ଉପରୋକ୍ତ ରୂପ ବ୍ୟତୀତ ରାମକଥାର ବୌଦ୍ଧ ଓ ଜୈନ ରୂପାନ୍ତର ମଧ୍ୟ ପ୍ରଚଳିତ ଅଛି। କୁହାଯାଏ ଭାରତରୁ ରାମକଥା ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡ଼ିକୁ ଯାଇଛି। ରାମାୟଣରେ ସବୁ ସମ୍ପର୍କର ଆଦର୍ଶ ସ୍ଥିତି, କେଉଁ ପରିସ୍ଥିତିରେ କିପରି ବ୍ୟବହାର କରିବେ, ପ୍ରତିକୂଳ ପରିସ୍ଥିତିରେ କିପରି ବ୍ୟବହାର କରିବେ ଏ ବିଷୟରେ ସବୁକିଛି ବୁଝାଇ ଦିଆଯାଇଛି। ଆମେ ଏହି ଗ୍ରନ୍ଥର ଶିକ୍ଷାକୁ ଜୀବନରେ ଗ୍ରହଣ କରି ତାହାକୁ ଆହୁରି ସୁନ୍ଦର କରିପାରିବା। ଦଶରଥ ନିଜ ଦାଢ଼ି ପାଚି ଆସୁଥିବାର ଦେଖି ତତ୍‌କାଳ ରାମଙ୍କୁ ଯୁବରାଜ ଘୋଷଣା କରି ତାଙ୍କ ରାଜାଭିଷେକ ପାଇଁ ପ୍ରସ୍ତୁତି କରିଥିଲେ। ଆମେ ଜୀବନରେ ନିଜର ପରିସ୍ଥିତି, କ୍ଷମତା ଏବଂ ଭବିଷ୍ୟତକୁ ଦେଖି ନିର୍ଣ୍ଣୟ ନେବା ଆବଶ୍ୟକ। ଅନେକ ଲୋକଙ୍କର ନିଜ ପଦପଦବୀ ପ୍ରତି ଏତେ ମୋହ ଥାଏ ଯେ କ୍ଷମତା ନଥିଲେ ମଧ୍ୟ ତାକୁ ଛାଡ଼ିବାକୁ ଚାହାଁନ୍ତି ନାହିଁ ସେମାନେ। ରାଜା ହେବାକୁ ଯାଉଥିବା ରାମ ବନବାସକୁ ମଧ୍ୟ ଖୁସିର ସହ ସ୍ୱୀକାର କରିଥିଲେ। ଜୀବନରେ ଯାହା କିଛି ମିଳେ ତାକୁ ନିୟତିର ନିର୍ଣ୍ଣୟ ଭାବି ସ୍ୱୀକାର କରିନେବା ଆବଶ୍ୟକ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜ ବିକାଶର ସମ୍ଭାବନା ଖୋଜିନେବା ଦରକାର। ପରିସ୍ଥିତି ଜଟିଳ ହୋଇଗଲେ ଭୟଭୀତ ହେବା ଉଚିତ ନୁହେଁ। ସୀତା ଏବଂ ଲକ୍ଷ୍ମଣ ରାମଙ୍କ ସହ ବନବାସରେ ଯାଇଥିଲେ। କିନ୍ତୁ ବନବାସର ପ୍ରକୃତ ଆଦେଶ ଥିଲା ରାମଙ୍କ ପ୍ରତି। ଲକ୍ଷ୍ମଣ ଏବଂ ସୀତା ତାଙ୍କ ଯିବା ଜରୁରୀ ନଥିଲା। ଏହା ଆମକୁ ଶିକ୍ଷାଦିଏ କାହାର ପରିସ୍ଥିତି ବଦଳିଗଲେ ତା ପ୍ରତି ଆମର ଭାବନା ଏବଂ ନିଷ୍ଠା ବଦଳିଯିବା ଉଚିତ ନୁହେଁ। ନିଷ୍ଠା ଏବଂ ପ୍ରେମ ଆମକୁ ଜୀବନରେ ଉଚ୍ଚ କରେ। ଭରତ ରାଜପଦ



ସ୍ୱୀକାର କଲେନାହିଁ, ରାମଙ୍କ ପାଦୁକା ନେଇ ସିଂହାସନରେ ସ୍ଥାପନ କଲେ। ଆମର ଧର୍ମ ଦୃଢ଼ ହେବା ଦରକାର। ଯାହା ନୈତିକ ଏବଂ ଆମେ ଯାହାର ଯୋଗ୍ୟ ତାହା ଉପରେ ଆମର ଅଧିକାର ଦେଖାଇବା ଉଚିତ। ଭରତ ନିଜକୁ ସବୁବେଳେ ରାମଙ୍କ ଅଧୀନ ମନେ କରୁଥିଲେ। ତେଣୁ ଯେଉଁ ରାଜପଦ ରାମଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା ସେ ତାହାକୁ ସ୍ୱୀକାର କଲେନାହିଁ। ରାମ ସୁଗ୍ରୀବଙ୍କ ସହ ମିତ୍ରତା କଲେ, ସୁଗ୍ରୀବଙ୍କୁ ତାଙ୍କ ରାଜ୍ୟ ଏବଂ ପତ୍ନୀ ଉଭୟ ଫେରାଇଲେ। ଆପଣ ମଧ୍ୟ ଜୀବନରେ ଏମିତି ବ୍ୟକ୍ତି ସହ ବନ୍ଧୁତା କରନ୍ତୁ, ଯିଏ ଆପଣଙ୍କ ସମସ୍ୟା ଏବଂ ଦୁଃଖ ବୁଝିପାରିବ। ରାମ ସବୁବେଳେ ଭରତଙ୍କର ପ୍ରଶଂସା କରୁଥିଲେ, ତାଙ୍କୁ ସବୁଠାରୁ ପ୍ରିୟ ଭାଇ ବୋଲି କହୁଥିଲେ। କିନ୍ତୁ ରାମଙ୍କ ସହ ସବୁ କଷ୍ଟ ଲକ୍ଷ୍ମଣ ହିଁ ଭାଗ କରୁଥିଲେ, କିନ୍ତୁ ସେ କେବେ ଏହାର ବିରୋଧ କରିନଥିଲେ। ଆପଣ ଯେକୌଣସି କାମ କଲାବେଳେ କର୍ତ୍ତବ୍ୟ ଭାବରେ କରନ୍ତୁ, ପ୍ରଶଂସାର ଆଶା ରଖନ୍ତୁ ନାହିଁ। ପ୍ରଶଂସା ଶୁଣିବାର ଇଚ୍ଛା କାମରେ ବାଧା ସୃଷ୍ଟି କରେ। ଆଜିର ସମୟରେ ରାମାୟଣର ପ୍ରାସଙ୍ଗିକତା ଓ ମୂଲ୍ୟବୋଧ ଆମ ସମସ୍ତଙ୍କୁ ଦିବ୍ୟ ଜୀବନର ରାସ୍ତା ଦେଖାଉ ଏହା ହିଁ କାମନା।

***ଶିଖରପୁର ଉପରସାହି, କଟକ***



# ସବୁ ଜିଲ୍ଲାରେ ଶିଶୁଙ୍କ ପାଇଁ ଅସ୍ଥାୟୀ ବାସସ୍ଥଳୀ

**ଭୁବନେଶ୍ୱର :** ସଂପ୍ରତି କୋଭିଡ୍-୧୯ର ଦ୍ୱିତୀୟ ଲହରରେ ଅନେକ ପରିବାରରେ ମାତାପିତାଙ୍କ କୋଭିଡ୍‌ରେ ମୃତ୍ୟୁ ହେବା କିମ୍ବା ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ସମୟରେ ସେମାନଙ୍କ ପିଲାମାନେ ଅନାଥ ଏବଂ ଅସହାୟ ହୋଇଯାଉଛନ୍ତି। କୋଭିଡ୍ ଆକ୍ରାନ୍ତ ପରିବାରର ଏହି ଶିଶୁମାନଙ୍କୁ ରଖିବା ପାଇଁ ମଧ୍ୟ କେହି ଆତ୍ମୀୟସ୍ୱଜନ, ନିକଟ ସଂପର୍କୀୟ ଆଗେଇ ଆସୁନାହାନ୍ତି। ଏହି ପରିସ୍ଥିତିରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୪ ଘଂଟିଆ ହେଲପ୍ ଲାଇନ୍ ୧୦୯୮ ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସହାୟତା ନମ୍ବର ୧୮୦୦-୩୪୫-୪୪୯୪ ସହ ରାଜ୍ୟ ହେଲପଲାଇନ୍ ୧୦୪ ଜାରି କରାଯାଇଛି। ୧୮ ବର୍ଷରୁ କମ୍ ବୟସର ଅସହାୟ ଓ ବିପଦସଂକୁଳ ଅବସ୍ଥାରେ ଥିବା କୌଣସି ଶିଶୁ, ମାତାପିତା ବିହୀନ ଶିଶୁ କିମ୍ବା କରୋନା ସଂକ୍ରମିତ ହୋଇ ସଂଗରୋଧରେ ଥିବା ପିତାମାତାଙ୍କ ଶିଶୁ କାହାର ନଜରକୁ ଆସିଲେ ତୁରନ୍ତ ଉପରୋକ୍ତ ହେଲପଲାଇନ୍‌ରେ କିମ୍ବା ନିକଟସ୍ଥ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ଯୋଗାଯୋଗ କରିବାକୁ କୁହାଯାଇଛି। ଏଥିପାଇଁ ପ୍ରତି ଜିଲ୍ଲାରେ ସରପଂଚ ମାନଙ୍କୁ ନେଇ ହ୍ୱାଟସ୍‌ଆପ୍‌ଗ୍ରୁପ୍ ଗଠନ କରାଯାଇଛି। ଏହି ଶିଶୁମାନଙ୍କ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ନିମନ୍ତେ ନାଗରିକ ସଂଗଠନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମଧ୍ୟ ସହାୟତା ନିଆଯାଉଛି। ଅସୁବିଧାରେ ଥିବା ପ୍ରତ୍ୟେକ ଶିଶୁଙ୍କୁ ତୁରନ୍ତ ଉଦ୍ଧାର କରି ସେମାନଙ୍କୁ ସାମୟିକ ଭାବେ ସୁରକ୍ଷିତ କରି ରଖିବା ନିମନ୍ତେ ୩୦ଟି ଜିଲ୍ଲାରେ ୩୦ଟି ଅସ୍ଥାୟୀ ବାସସ୍ଥଳୀର ବ୍ୟବସ୍ଥା କରାଯାଇଛି। ଶିଶୁମାନଙ୍କ ଯନି ଏବଂ ସୁରକ୍ଷା ପାଇଁ ପ୍ରତି ଜିଲ୍ଲାରେ ନୋଡାଲ ଅଫିସରମାନଙ୍କୁ ନିଯୁକ୍ତ କରାଯାଇଛି ଏବଂ ଭର୍ଚୁଆଲ ବୈଠକ ମାଧ୍ୟମରେ ନିୟମିତ ସମୀକ୍ଷା କରାଯାଉଛି। ଏହି ଅସହାୟ ଶିଶୁମାନଙ୍କୁ ମାନସିକ ସ୍ତରରେ ଦୃଢ଼ ରଖିବା ନିମନ୍ତେ ନିୟମିତ ମନସ୍ତାତ୍ତ୍ୱିକ ପରାମର୍ଶ ଦିଆଯାଉଛି। ପ୍ରତ୍ୟେକ କୋଭିଡ୍ ହସ୍‌ପିଟାଲ୍ ଏବଂ କୋଭିଡ୍ ଯତ୍ନ କେନ୍ଦ୍ର, ସହରାଂଚଳ ଏବଂ ଗ୍ରାମାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଚାରପତ୍ର ଲଗାଯାଇ ଜନସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା କୋଭିଡ୍ ପ୍ରଭାବିତ ୪ ଜଣ ଅସହାୟ ଶିଶୁଙ୍କୁ ଉଦ୍ଧାର କରାଯାଇ ଆର୍ଥିକ ସହାୟତା ପ୍ରଦାନ ସହ ସାମୟିକ ଭାବେ ରଖାଯାଇଛି। ବିଭାଗୀୟ ଯୁଗ୍ମ ସଚିବ, ଶିଶୁ କଲ୍ୟାଣଙ୍କୁ ରାଜ୍ୟ ନୋଡାଲ ଅଧିକାରୀ ଭାବେ ଘୋଷଣା କରାଯାଇଛି। ସେହିଭଳି ରାଜ୍ୟରେ ଥିବା ୨୩୮ଟି ଶିଶୁ ଯନି ଅନୁଷ୍ଠାନରେ ୮୫୦୦ ଶିଶୁ ରହୁଛନ୍ତି ଏବଂ ସେମାନଙ୍କ ଯତ୍ନ ନେବା ପାଇଁ ୨୦୦୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇ ଏହି ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ କୋଭିଡ୍ ସଂପର୍କିତ ସମସ୍ତ ସତର୍କତା ଏବଂ ନିୟମାବଳୀ ପାଳନ ନିମନ୍ତେ ପଦକ୍ଷେପ ନିଆଯାଇଛି। ଶିଶୁ ଯତ୍ନ ଅନୁଷ୍ଠାନର କାର୍ଯ୍ୟକର୍ତାମାନଙ୍କୁ କୋଭିଡ୍ ସଂକ୍ରମଣ ଓ ପରିଚାଳନା ନିମନ୍ତେ ନିୟମିତ ଭର୍ଚୁଆଲ ତାଲିମ ପ୍ରଦାନ କରାଯାଉଛି। ଶିଶୁମାନଙ୍କୁ କରୋନା ସମୟରେ ସୃଜନାତ୍ମକ କାର୍ଯ୍ୟରେ ନିୟୋଜିତ କରି ସେମାନଙ୍କ ମାନସିକ ଓ ଶାରୀରିକ ସୁସ୍ଥତା ନିମନ୍ତେ କରୋନା ପଞ୍ଜିକା ଦିଆଯାଇଛି। ଏହି କଠିନ ସ୍ଥିତିରେ ଅନୁଷ୍ଠାନ ପରିଚାଳନାରେ ଯେଭଳି କୌଣସି ଆର୍ଥିକ ବାଧା ନ'ଆସିବ, ସେଥିପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି। ପ୍ରତ୍ୟେକ ଯତ୍ନ ଅନୁଷ୍ଠାନକୁ ଥର୍ମାଲ ସ୍କାନର, ଅକ୍ସିମିଟର, ମାସ୍କ ଏବଂ ସାନିଟାଇଜର ପ୍ରଦାନ କରାଯାଇଛି। ପ୍ରତ୍ୟେକ ଶିଶୁ ଯତ୍ନ ଅନୁଷ୍ଠାନରେ ସଙ୍ଗରୋଧ ଗୃହ ବ୍ୟବସ୍ଥା କରାଯିବା ସହ ନିୟମିତ ଭାବେ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ ଲାଇନ୍ ଟିମ୍‌ର ସଦସ୍ୟ, ଶିଶୁ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା କର୍ମଚାରୀ, ୧୮୧ ହେଲପଲାଇନ୍ କର୍ମଚାରୀ ଏବଂ ୱାନ୍‌ଷ୍ଟପ୍ ସେଣ୍ଟରର କର୍ମଚାରୀମାନଙ୍କୁ ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଭାବେ ଘୋଷଣା କରାଯିବା ସହ ସେମାନଙ୍କର ଅଗ୍ରାଧିକାର ଭିତିରେ କୋଭିଡ୍ ଟିକାକରଣ କରାଯାଉଛି।

# ଭୁବନେଶ୍ୱର ବାର୍ ଆସୋସିଏସନ ପକ୍ଷରୁ ସ୍ୱତନ୍ତ୍ର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ




**ଭୁବନେଶ୍ୱର :** ସମଗ୍ର ଦେଶରେ ମହାମାରୀ କରୋନାର ପ୍ରକୋପ ବଢ଼ି ଚାଲିଥିଲା ବେଳେ ରାଜ୍ୟରେ କୋଭିଡ୍ ଟିକାଦାନ କାର୍ଯ୍ୟକ୍ରମ ଜାରି ରହିଛି। ରାଜଧାନୀର ଆଇନଜୀବୀମାନଙ୍କୁ କରୋନା କାୟାରୁ ସୁରକ୍ଷିତ ରଖିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ସହାୟତାରେ ଭୁବନେଶ୍ୱର ବାର୍ ଆସୋସିଏସନ ପକ୍ଷରୁ କୋଭିଡ୍ ଟିକାର ଦ୍ୱିତୀୟ ଡୋଜ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯାତ୍ରୀ ନିବାସରେ ଟିକାଦାନର ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱତନ୍ତ୍ର ଭାବେ ଏଠାରେ ୪୫୦ଜଣ ଆଇନଜୀବୀଙ୍କୁ ଟିକାଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦିବା ୩ ଘଟିକାରୁ ଆରମ୍ଭ ହୋଇ ସଂଧ୍ୟା ୬ ଘଟିକାରେ ଶେଷ ହୋଇଥିଲା। କ୍ୟାପିଟାଲ ହସ୍ପିଟାଲର ସ୍ୱାସ୍ଥ୍ୟ କର୍ମଚାରୀମାନେ ଆସି ୪୫-୬୦ ବୟସ ମଧ୍ୟରେ ରହିଥିବା ଆଇନଜୀବୀମାନଙ୍କୁ ଟିକା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଆଇନଜୀବୀଙ୍କ ପାଇଁ ଟିକାକରଣ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରଥମ ଡୋଜ୍ ବେଳେ ୪ଶହ ଆଇନଜୀବୀ ଟିକା ନେଇଥିଲେ। ଆଗାମୀ ଦିନରେ ୧୮-୪୪ ବୟସ ବର୍ଗର ଯୁବ ଆଇନଜୀବୀମାନଙ୍କୁ ଟିକାଦାନ କରାଯିବାକୁ ଆସୋସିଏସନର ସମ୍ପାଦକ ଓ ଉପସଭାପତି ଜିଲ୍ଲା ଜଜ୍ ଏବଂ ବିଏମ୍‌ସି କମିଶନରଙ୍କ ନିକଟରେ ଦାବି କରିଛନ୍ତି। ଟିକାଦାନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ବାର୍ ଆସୋସିଏସନର ସଭାପତି ନିର୍ମଳ କିଶୋର ରଥ, ଉପସଭାପତି ଦେବିଦତ୍ତ ବାରିକ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣାଙ୍କ ସମେତ ଆସୋସିଏସନର କାର୍ଯ୍ୟକାରୀ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# +୨ ଶିକ୍ଷାନୁଷ୍ଠାନ ଗୁଡ଼ିକର ପୃଥକୀକରଣ କାର୍ଯ୍ୟ ତ୍ୱରାନ୍ୱିତ କର: ମନ୍ତ୍ରୀ

**ଭୁବନେଶ୍ୱର :** ଯୁକ୍ତ-୨ ଶିକ୍ଷାକୁ ଉଚ୍ଚଶିକ୍ଷା ବିଭାଗରୁ ଅଲଗା କରାଯାଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ମିଶ୍ରଣ କରାଯାଇଛି। ଅଥଚ ଏହି କାର୍ଯ୍ୟ ବିଳମ୍ବ ହେଉଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏକ ଭର୍ଚୁଆଲ ବୈଠକ କରି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ସାହୁ କହିଛନ୍ତି, କିଛି ସ୍ଥାନରେ ଯୁକ୍ତ-୨ କଲେଜ ଡିଗ୍ରି କଲେଜଠାରୁ ପୃଥକ ଭାବେ କାର୍ଯ୍ୟ କରୁଛନ୍ତି। ଉଚ୍ଚଶିକ୍ଷା ବିଭାଗର ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀ ଯେଉଁମାନେ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ପର୍ଯ୍ୟାୟକ୍ରମେ ଉଚ୍ଚଶିକ୍ଷା ବିଭାଗକୁ ଫେରେଇ ଅଣାଯିବ। ଏହାରି ଭିତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ପଦବି ପୂରଣ ପାଇଁ ପଦକ୍ଷେପ ନେବେ। ଖୁବଶୀଘ୍ର ଏ ନେଇ ଅର୍ଥ ବିଭାଗ ସହିତ ମିଳିତ ବୈଠକ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଯୁକ୍ତ-୨ ଓ ଡିଗ୍ରି କଲେଜ୍‌ର ଜମିଜମା କାଗଜପତ୍ରଗୁଡ଼ିକୁ ବି ଅଲଗା କରାଯିବ। ଭର୍ଚୁଆଲ୍ ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ଗ୍ରାମାଞ୍ଚଳରେ ବ୍ୟାପୁଛି ସଂକ୍ରମଣ

# ସରକାରଙ୍କ ପକ୍ଷରୁ ଏସ୍‌ଓପି



**ଭୁବନେଶ୍ୱର :** ଗ୍ରାମାଞ୍ଚଳରେ ମହାମାରୀ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦେଖି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଗାଇଡ୍‌ଲାଇନ୍ ଜାରି କରିଛି। ଗ୍ରାମାଞ୍ଚଳ, ଆଦିବାସୀ ବହୁଳ ଓ ସହର ଉପକଣ୍ଠ ପାଇଁ ନୂଆ ଏସ୍‌ଓପି ଜାରି ହୋଇଛି। ସର୍ଭେଲାନ୍ସ, ସ୍କ୍ରିନିଂ ଓ ଆଇସୋଲେସନ ପ୍ରତି ଫୋକସ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶାକର୍ମୀଙ୍କ ଦ୍ୱାରା ସର୍ଭେଲାନ୍ସ କରିବାକୁ କୁହାଯାଇଛି। ଇଲି/ସାରି ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ସର୍ଭେଲାନ୍ସରେ ରଖିବାକୁ ଏସ୍‌ଓପିରେ କୁହାଯାଇଛି। ଯଦି କୌଣସି ବ୍ୟକ୍ତିଙ୍କଠାରେ ରୋଗର ଲକ୍ଷଣ ଦେଖାଦିଏ, ତାହାହେଲେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଟେଲିକନସଲଟିଂ କରିବକୁ ପରାମର୍ଶ ଦିଆଯାଇଛି। ଗାଇଡ୍‌ଲାଇନ୍‌ରେ ଆହୁରି ମଧ୍ୟ କୁହାଯାଇଛି, ଜଟିଳ ରୋଗ/ଅକ୍ସିଜେନ କମ୍ ଥିଲେ ହସ୍ପିଟାଲ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଇଲି/ସାରି ଓପିଡି ନିର୍ଦ୍ଦିଷ୍ଟ ସମୟରେ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଏନ୍‌ଏମ୍‌ଙ୍କୁ ରାପିଡ୍ ଆଣ୍ଟିଜେନ ଟେଷ୍ଟ ପାଇଁ ପ୍ରଶିକ୍ଷଣ ଦେବାକୁ କୁହାଯାଇଛି। କୋଭିଡ୍ ପରିଚାଳନା ପାଇଁ ସାମନ୍ୟ ଲକ୍ଷଣ ଥିଲେ ସିସିସି, ମଧ୍ୟମ ଲକ୍ଷଣ ପାଇଁ ସିଏଚ୍‌ସି ଓ ଗୁରୁତର ରୋଗୀଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରାମାଞ୍ଚଳ ହେଉଛି ଦେଶର ପ୍ରକୃତ ଅର୍ଥନୀତି। ଦେଶ କରୋନା ବିରୋଧରେ ଲଢେଇ କରୁଥିବା ବେଳେ ଅର୍ଥନୀତିକୁ ଶକ୍ତି ଦେଇଥିଲା। ଏବେ ସେହି ଗାଁ ମହାମାରୀ କରୋନା ଦ୍ୱିତୀୟ ଲହରୀରେ ଶିକାର ହୋଇଛି। ଗ୍ରାମାଞ୍ଚଳରେ ପ୍ରତିଦିନ ଶହଶହ ଲୋକ କରୋନାରେ ଆକ୍ରାନ୍ତ ହେଉଛନ୍ତି। ଏହାଛଡ଼ା ଅନେକ ଲୋକ ଚିକିତ୍ସା ଅଭାବରୁ ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। କରୋନା ଟ୍ରେସିଂ ଓ ଚିକିତ୍ସା ହୋଇନପାରି ଲୋକମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଏନେଇ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରକାର ତତ୍ପର ହୋଇଛନ୍ତି। କରୋନା ବିରୋଧରେ ଲଢ଼େଇ କରିବା ପାଇଁ ପ୍ରସ୍ତୁତି କରିଛନ୍ତି ସ୍ୱତନ୍ତ୍ର ଏସ୍‌ଓପି।

# ନକଲି ପଞ୍ଜିକରଣ ପୋର୍ଟାଲରୁ ଦୂରେଇ ରୁହ : ଡିଜିପି



**ଭୁବନେଶ୍ୱର :** ମହାମାରୀ କରୋନା କାଳରେ ସାଇବର କ୍ରିମିନାଲ ମାତିଛନ୍ତି। ଲୋକଙ୍କ ଅସହାୟତାର ସୁଯୋଗ ନେଇ ଠକୁଛନ୍ତି ସାଇବର କ୍ରିମିନାଲ। ସେମାନଙ୍କ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଡିଜିପି ଅଭୟ। ସେ କହିଛନ୍ତି, ଟିକା, ଅକ୍ସିଜେନ, ଔଷଧ, ଟେଲିମେଡିସିନ୍‌ରେ ଠକେଇ ହେଉଛି। ଟିକା ପାଇଁ କୋୱିନ୍, ଆରୋଗ୍ୟ ସେତୁ, ଉମଙ୍ଗ ଛଡା ଅନ୍ୟ କେଉଁଠିକୁ ଯାଆନ୍ତୁ ନାହିଁ। ଏହି ୩ଟି ୱେବ୍‌ସାଇଟ୍ ଛଡା ଟିକା ପାଇଁ କାହାରିକୁ ପ୍ରାଧିକୃତ କରାଯାଇନି। ମେଡିକାଲ ଅକ୍ସିଜେନ ପାଇଁ ମଧ୍ୟ ଅନ୍‌ଲାଇନ୍‌ରେ ଠକ ମାତିଛନ୍ତି। ଯେଉଁଠି ଅକ୍ସିଜେନ ପାଇଁ ଆଗୁଆ ଟଙ୍କା ଦେବାକୁ କୁହାଯାଉଛି, ଚେକ କରନ୍ତୁ। ଡିଜିପି ଆହୁରି କହିଛନ୍ତି, ଟେଲି ମେଡିସିନ ପାଇଁ ଆଗୁଆ ପଇସା ମଗାଯାଉଛି। ଏଥିପ୍ରତି ସତର୍କ ରୁହନ୍ତୁ। ଠିକ୍ ସେମିତି ଅନ୍‌ଲାଇନରେ ଖାଦ୍ୟ ପଦାର୍ଥ ଦେବାକୁ କହି ଠକି ନେଉଛନ୍ତି। ନିଜ ବ୍ୟକ୍ତିଗତ ତଥ୍ୟ ଅନଲାଇନ୍‌ରେ ସେୟାରକଲାବେଳେ ସତର୍କ ରୁହନ୍ତୁ। ଅନଲାଇନରେ ଯିଏ ମାଗଣା କିଛି ଅଫର ଦେଉଛି, ସେ ମାୟାରେ ପଡନ୍ତୁନି। ଥରେ ଚିନ୍ତା କରନ୍ତୁ କିଏ କାହିଁକି ଫ୍ରିରେ ଆପଣଙ୍କୁ କିଛି ଦେବ। ଘରୁ ବାହାରିଲେ ନିଶ୍ଚିତ ଭାବେ ମାସ୍କ ପିନ୍ଧନ୍ତୁ। ସାମାଜିକ ଦୂରତା ରକ୍ଷା କରନ୍ତୁ। କେଉଁଠି ବି କୌଣସି ପରିସ୍ଥିତିରେ ଗହଳି କରନ୍ତୁନାହିଁ। କୋଭିଡ୍ କଟକଣା ଉଲ୍ଲଘଂନ କରୁଥିବା ଲୋକଙ୍କ ବିରୋଧରେ ଏନଫୋର୍ସମେଣ୍ଟ ଟିମ୍ କାର୍ଯ୍ୟାନୁଷ୍ଠାନ କରୁଛନ୍ତି। କୋଭିଡ୍ ନିୟମ ଭାଙ୍ଗିଥିବା ୧୬ ହଜାର ୬୮୨ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେମାନଙ୍କର ଠାରୁ ୯ କୋଟି ୮ଲକ୍ଷ ୩୫ ହଜାର ୮୨୩ ଟଙ୍କା ଜରିମାନା ଆଦାୟ କରାଯାଇଛି। କଳାବଜାରୀ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯଦି ଆପଣଙ୍କର ଅଞ୍ଚଳରେ କଳାବଜାରୀ ହେଉଛି, ନିକଟସ୍ଥ ଥାନାକୁ ସୂଚନା ଦେଇପାରିବେ। କୋଭିଡ୍ ସମୟରେ ସାଇବର କ୍ରାଇମ୍ ବଢ଼ିବାର ଅଛି। ତେଣୁ ଏଥିପ୍ରତି ଲୋକେ ସତର୍କ ହେବା ଦରକାର।

# ୩ ଘରୋଇ ହସ୍ପିଟାଲ ଆଣିବେ ୧୨ହଜାର ଡୋଜ





**ଭୁବନେଶ୍ୱର :** ରାଜ୍ୟର ୩ଟି ଘରୋଇ ହସ୍ପିଟାଲ ସିଧାସଳଖ ଟିକା ଉତ୍ପାଦନକାରୀ କମ୍ପାନିରୁ ୧୨ହଜାର ଡୋଜ୍ ଟିକା ଆଣି ଟିକାକରଣ କରିବେ। ଭୁବନେଶ୍ୱରର ସମ୍ ହସ୍ପିଟାଲ, ବ୍ରହ୍ମପୁରର ଖ୍ରୀଷ୍ଟିଆନ ହସ୍ପିଟାଲ ଓ ବରଗଡ଼ର କିଶୋର ହସ୍ପିଟାଲ ପୁନେସ୍ଥିତ ସିରମ ଇନଷ୍ଟିଚ୍ୟୁଟ୍ ସହିତ ଯୋଗାଯୋଗ କରିଥିବା ସଂପର୍କରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଟିକାକରଣ କରିବାକୁ ଚାହୁଁଥିବା ଘରୋଇ ହସ୍ପିଟାଲମାନେ କୋ-ୱିନ୍ ଜରିଆରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ସବୁ ଜିଲ୍ଲାପାଳ, ନଗର ନିଗମ ଓ ସିଡିଏମ୍‌ଓମାନଙ୍କୁ ଚିଠି ଜାରି ହୋଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ କୋ-ୱିନ୍ ଜରିଆରେ ହିଁ ଘରୋଇ ହସ୍ପିଟାଲମାନେ ଟିକାକରଣ କରିପାରିବେ। ଅଫଲାଇନ୍ ଟିକାକରଣକୁ ଅନୁମତି ମିଳିବ ନାହିଁ। ଟିକାକରଣ କେନ୍ଦ୍ର ଓ ଟିକାର ଦର କ'ଣ ରଖିଛନ୍ତି ସେ ସଂପର୍କରେ କୋ-ୱିନ୍‌ରେ ଜଣାଇବେ। ଯଦି ହସ୍ପିଟାଲମାନେ ଟିକାକରଣରେ ସାମିଲ ହେବେ ସେମାନଙ୍କ ତାଲିମ ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ଟିକାକରଣ କେନ୍ଦ୍ରକୁ ଛାଡ଼ିବା ପୂର୍ବରୁ ଟିକାକରଣ ସାର୍ଟିଫିକେଟ୍ ନେବା ପାଇଁ ସଚେତନତ କରାଯିବ ପାଇଁ ବ୍ୟବସ୍ଥା ରହିବା ଜରୁରୀ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି




**ଭୁବନେଶ୍ୱର :** ଧୀରେ ଧୀରେ ସୁସ୍ଥ ହେଉଛନ୍ତି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ। କରୋନାରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ହେବ ସେ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପରିବାର ସହ ଫୋନ୍ ଯୋଗେ କଥା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏମ୍‌ସ କର୍ତ୍ତୃପକ୍ଷଙ୍କ ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ପରାମର୍ଶ ଦେଇଥିଲେ। ତେବେ କିଛିଦିନ ହେବ ଶ୍ରୀ ନାଏକଙ୍କୁ ୮ଘଣ୍ଟାରୁ ଅଧିକ ସମୟ ଭେଣ୍ଟିଲେଟର ବାହାରେ ରଖାଯାଇ ସାଧାରଣ ଅବସ୍ଥାକୁ ଆଣିବା ପାଇଁ ଏମ୍‌ସ ପକ୍ଷରୁ ଚେଷ୍ଟା ଚାଲିଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ସହ ସେ ସ୍ୱଳ୍ପ କଥାବାର୍ତ୍ତା କରୁଥିବା ନେଇ ଶ୍ରୀ ନାଏକଙ୍କ ପତ୍ନୀ ପ୍ରମିଳା ନାଏକଙ୍କ ଠାରୁ 'ଏକମାତ୍ର'କୁ ଏହି ସୂଚନା ମିଳିଛି। ବିଜେପିର ଏହି ବରିଷ୍ଠ ନେତାଙ୍କ ଆଶୁ ଆରୋଗ୍ୟ କାମନା କରୁଥିବା ରାଜ୍ୟବାସୀ ତଥା ଦଳୀୟ ନେତାମାନଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ତେବେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଦୀପ୍ତଙ୍କ ପତ୍ନୀଙ୍କୁ ବିପଦ ବେଳେ ଧୈର୍ଯ୍ୟହରା ନ ହୋଇ ଦୃଢ଼ତାର ସହ ମୁକାବିଲା କରିବା ପାଇଁ ପରାମର୍ଶ ଦେଇଛନ୍ତି।

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି